### ରେମୁଣାରେ ଭାଜପାର ନିର୍ବାଚନୀ ସଭା

# ପରିବର୍ତ୍ତନ ନାରା ଦେଲେ ଦଳୀୟ ପ୍ରାର୍ଥୀ, କର୍ମକର୍ତ୍ତା



ମଙ୍ଗଳବାର ବାଲେଶ୍ୱର ବର୍ଦ୍ଧନପୁରରେ ଅନୁଷ୍ଠିତ ଭାଜପାର ସଂକଳ୍ପ ସମାବେଶରେ ଦଳୀୟ ପ୍ରାର୍ଥୀ ଓ କର୍ମକର୍ତ୍ତା।



ସଭାରେ ଉପସ୍ଥିତ କର୍ମୀମାନେ।

**ବାଲେଶ୍ୱର ଅଫିସ, ୨୬।୩**

ବାଲେଶ୍ୱର ଜିଲା ରେମୁଣା ନିର୍ବାଚନମଣ୍ଡଳୀର ବର୍ଦ୍ଧନପୁର ପଞ୍ଚାୟତର ମଣିନାଗେଶ୍ୱର ମନ୍ଦିର ପଡ଼ିଆରେ ମଙ୍ଗଳବାର ପୂର୍ବାହ୍ନ ୧୧ଟା ୩୦ମିନିଟ୍‌ରେ ଭାଜପାର ସଂକଳ୍ପ ଯାତ୍ରା ସାଙ୍ଗକୁ ପ୍ରଥମ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଏମ୍‌ପି ତଥା ଭାଜପା ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା ଏଥିରେ ଅତିଥି ଭାବେ ଯୋଗଦେଇଥିଲେ। ଜିଲା ଭାଜପା ସଭାପତି ତଥା ବାଲେଶ୍ୱର ବିଧାନସଭା ପ୍ରାର୍ଥୀ ମଦନମୋହନ ଦତ୍ତ ଅଧ୍ୟକ୍ଷତା କରିଥିଲେ। ଏହି ସମାବେଶରେ ବକ୍ତାମାନେ ପରିବର୍ତ୍ତନର ନାରା ଦେଇ ଭାଜପା ପ୍ରାର୍ଥୀଙ୍କୁ ନିର୍ବାଚନରେ ଜିତାଇବାକୁ ନିବେଦନ କରିଥିଲେ। ସଭାରେ ବକ୍ତବ୍ୟ ରଖି ବୈଜୟନ୍ତ କହିଥିଲେ, ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବିଶ୍ୱ ଦରବାରରେ ଭାରତ ମଜଭୁତ ହେବାକୁ ଯାଉଛି। ଦେଶରେ ସ୍ୱଚ୍ଛ ଓ ଶକ୍ତିଶାଳୀ ଶାସନ ବ୍ୟବସ୍ଥା ଦରକାର। ଏଥିନିମନ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଆଉଥରେ ସରକାର ଗଠନ ନିମନ୍ତେ ସୁଯୋଗ ଦେବାକୁ ସେ ବାଲେଶ୍ୱରବାସୀଙ୍କୁ ନିବେଦନ କରିଥିଲେ। ରାଜ୍ୟରେ ୧୯ବର୍ଷ ଧରି ଶାସନ କରୁଥିବା ବିଜେଡି ସରକାରଙ୍କୁ ସମାଲୋଚନା କରି ସେ କହିଥିଲେ, ବିକାଶ ଧାରାର କାର୍ଯ୍ୟ ବହୁ ପଛରେ ପଡ଼ିଛି। ଦୁର୍ନୀତି, ଭ୍ରଷ୍ଟାଚାର ବଢ଼ିଛି। ନାରୀ ନିର୍ଯ୍ୟାତନାକାରୀଙ୍କୁ ଆଶ୍ରୟ ଦିଆଯାଉଛି। ଶିଳ୍ପ ଏବଂ ଶ୍ରମିକଙ୍କ ପାଇଁ ପ୍ରୋତ୍ସାହନର ଅଭାବ ରହିଛି। ଏଥିଲାଗି ସରକାର ବଦଳିବା ଦରକାର ବୋଲି ସେ କହିଥିଲେ। ବାଲେଶ୍ୱର ବିଧାନସଭା ପ୍ରାର୍ଥୀ ଦତ୍ତ ତାଙ୍କ ବକ୍ତବ୍ୟରେ ସାଧାରଣ ନିର୍ବାଚନରେ ଭାଜପା ପ୍ରାର୍ଥୀଙ୍କୁ ବିପୁଳ ସଂଖ୍ୟାରେ ଭୋଟ୍ ଦେଇ ଜୟଯୁକ୍ତ କରିବା ପାଇଁ ନିବେଦନ କରିଥିଲେ। ବାଲେଶ୍ୱର ଲୋକସଭା ଆସନ ପାଇଁ ଭାଜପା ପକ୍ଷରୁ ପ୍ରାର୍ଥୀ ହୋଇଥିବା ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ସଭାରେ ଭାଷଣ ଦେଇ କହିଥିଲେ, ରାଜ୍ୟ ସରକାରଙ୍କ ଅପାରଗତା ଯୋଗୁ ଓଡ଼ିଆ ଯୁବକମାନେ ଆଜି ଦାଦନ ଖଟୁଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ ଓ ପାନୀୟଜଳ ଯୋଗାଣ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ମଦ ବନ୍ୟା ପାଇଁ ରାଜ୍ୟ ରସାତଳକୁ ଯାଉଛି। ରାଜ୍ୟରେ ଭାଜପା ସରକାର ଆସିଲେ ପରିସ୍ଥିତି ବଦଳିବ ବୋଲି ସେ କହିଥିଲେ। ଭାଜପାନେତ୍ରୀ ଅଭିନେତ୍ରୀ ଅନୁ ଚୌଧୁରୀ କହିଥିଲେ, ନାରୀକୁ ସମ୍ମାନ ଏବଂ ସଶକ୍ତୀକରଣ କ୍ଷେତ୍ରରେ ରାଜ୍ୟ ପଛରେ ପଡିଛି। ଏଣୁ ରାଜ୍ୟ ସରକାରକୁ ଲୋକେ ବଦଳାଇବା ଦରକାର। ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଦ୍ୱିତୀୟଥର ପାଇଁ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଥିବାରୁ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରି ପୁନର୍ବାର ବିଜୟୀ ହେବେ ବୋଲି ଆଶାପ୍ରକଟ କରିଥିଲେ। ରାଜ୍ୟ ସମ୍ପାଦିକା ଶୋଭନା ମହାନ୍ତି, ଜିଲା ପ୍ରଭାରୀ ଅଜୟ ମିଶ୍ର, ଜିଲାପରିଷଦ ସଦସ୍ୟ ସୁଧାଂଶୁ ପଣ୍ଡା, ସରିତା ଗିରି, କ୍ୟାପଟେନ ଭାସ୍କର ମଲ୍ଲିକ ପ୍ରମୁଖ ବହୁ ଭାଜପା କର୍ମକର୍ତ୍ତା ଯୋଗଦେଇ କେନ୍ଦ୍ରରେ ଭାଜପା ସରକାରଙ୍କ ଗୁଣଗାନ କରି ଭାଜପା ପ୍ରାର୍ଥୀଙ୍କୁ ବିଜୟ କରିବା ନିମନ୍ତେ ନିବେଦନ କରିଥିଲେ। ଏହି ସମାବେଶ ଅବସରରେ ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତଙ୍କୁ ସ୍ୱାଗତ କରାଯାଇଥିଲା।

## ପ୍ରାର୍ଥୀଙ୍କ ଉପରେ ସମସ୍ତଙ୍କ ନଜର

**ଭଦ୍ରକ ଅଫିସ, ୨୬।୩**

ଭଦ୍ରକରେ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ପାଇଁ ସରକାରୀ ସ୍ତରରେ ସ୍ଥିର ହୋଇଛି। ଭାଜପା ପକ୍ଷରୁ ୫ଟି ବିଧାନସଭା କ୍ଷେତ୍ର ପାଇଁ ପ୍ରାର୍ଥୀ ଘୋଷଣା ଚୂଡ଼ାନ୍ତ ହେବା ପରେ ଅନ୍ୟ ଦଳ ମାନଙ୍କର ପ୍ରାର୍ଥୀକୁ ନେଇ ଜିଲାବାସୀ ତଥା ଦଳୀୟ କର୍ମୀଙ୍କ ମହଲରେ ଉତ୍କଣ୍ଠା ଦେଖାଦେଇଛି। ସବୁ ନିର୍ବାଚନ ମଣ୍ଡଳୀରେ ଏକାଧିକ ଆଶାୟୀ ଥିବାରୁ ନିର୍ଦ୍ଦିଷ୍ଟ ଭାବେ କିଏ ପ୍ରାର୍ଥୀ ହେବ ତାକୁ ନେଇ ନାନା କଳ୍ପନା ଜଳ୍ପନା। ଭଦ୍ରକ ଲୋକସଭା ପ୍ରାର୍ଥୀ ଚୟନକୁ ନେଇ ତିନି ପ୍ରମୁଖ ରାଜନୈତିକ ଦଳ ସେମାନଙ୍କର ଭିତିରିଆ ଅଙ୍କକଷା ଚଳାଇଛନ୍ତି। ବିଜେଡି ପକ୍ଷରୁ ଭଦ୍ରକ ଏମ୍‌ପି ଅର୍ଜୁନ ଚରଣ ସେଠୀ ନିର୍ବାଚନରୁ ଓହରି ଯିବେ ବୋଲି ଘୋଷଣା କରିବା ପରେ ତାଙ୍କ ପୁଅ ଅଭିମନ୍ୟୁ ସେଠୀଙ୍କୁ ନେଇ ନାନା କଳ୍ପନା ଜଳ୍ପନା ଚାଲିଛି। ଏପଟେ ଧାମନଗର ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ମଧ୍ୟ ଏହି ଦୌଡରେ ରହିଛନ୍ତି। ଦଳୀୟ ସୁପ୍ରିମୋ ନବୀନ କାହାକୁ ପ୍ରାର୍ଥୀ କରିବେ ତାକୁ ନେଇ ଅଙ୍କକଷା ଚାଲିଛି। ଯଦିଓ ଏହା ଚୂଡାନ୍ତ ହୋଇନାହିଁ କିନ୍ତୁ ଦୁହେଁ ନିଜ ନିଜର ପ୍ରାର୍ଥୀତ୍ୱକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି। ସେହିପରି କଂଗ୍ରେସ ପକ୍ଷରୁ ଗୋଟିଏ ମଧ୍ୟ ବିଧାନସଭା କିମ୍ବା ଭଦ୍ରକ ଲୋକସଭା ପାଇଁ ପ୍ରାର୍ଥୀ ଘୋଷଣା କରିନାହିଁ। କିନ୍ତୁ ଭାଜପା ୫ ବିଧାନସଭା ପାଇଁ ପ୍ରାର୍ଥୀ ଘୋଷଣା କରିସାରିଥିଲେ ମଧ୍ୟ ଲୋକସଭା କ୍ଷେତ୍ର ପାଇଁ ପ୍ରାର୍ଥୀ ଚୂଡାନ୍ତ ହୋଇନାହିଁ। ଦଳ ଡିଆଁ ନୀତିକୁ ଆଖି ଆଗରେ ରଖି ତିନି ଦଳ ପ୍ରାର୍ଥୀ ଘୋଷଣା କରିବାରେ ବିଳମ୍ବ କରୁଥିବା ରାଜନୈତିକ ସମୀକ୍ଷକମାନେ କହୁଥିବା ବେଳେ ଦଳରେ ଆଭ୍ୟନ୍ତରୀଣ କନ୍ଦଳକୁ ସନ୍ତୁଷ୍ଟିକରଣ ପାଇଁ ପ୍ରାର୍ଥୀ ଘୋଷଣାରେ ବିଳମ୍ବ ହେଉଥିବା କୁହାଯାଇଛି। ତଥାପି ଦିନେ ଦୁଇଦିନ ମଧ୍ୟରେ ସବୁ ଦଳର ପ୍ରାର୍ଥୀ ଘୋଷଣା ହେବ ବୋଲି ଆଶା କରାଯାଉଥିବା ଶୁଣିବାକୁ ମିଳୁଛି।

## ଭାଜପାର ଘରେ ଘରେ ପଦ୍ମ

**ଧାମନଗର, ୨୬।୩(ଡି.ଏନ.ଏ.)**

ଧାମନଗର ବିଧାନସଭା ନିର୍ବାଚନ ମଣ୍ଡଳୀ ଧୂଷୁରୀ ମଣ୍ଡଳ ଭାଜପା ଯୁବମୋର୍ଚ୍ଚା ତରଫରୁ ପ୍ରତି ଘରେ ପଦ୍ମ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ଧୂଷୁରୀ ନିକଟ ହରିହଂସସ୍ଥିତ ଭାଜପା କାର୍ଯ୍ୟାଳୟରେ ରାଜ୍ୟ ଭାଜପା ଉପସଭାପତି ପ୍ରାକ୍ତନ ବିଧାୟକ ବିଷ୍ଣୁ ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତି ଘରେ ପଦ୍ମ କାର୍ଯ୍ୟକ୍ରମ ଉଦ୍‌ଘାଟନ କରି ଡୋର ପୋଷ୍ଟର ଏବଂ ପୁଶିଂ କାର୍ଡ ଉନ୍ମୋଚନ କରିଥିଲେ। ମୁଖ୍ୟଅତିଥି ଯୁବଶକ୍ତି ଉପରେ ଗୁରୁତ୍ୱ ଦେବା ସହିତ ଯୁବ ଶକ୍ତି ପରିବର୍ତ୍ତନର ପରିଭାଷା ବୋଲି ଆହ୍ୱାନ ଦେଇଥିଲେ। ରାଜ୍ୟରେ ବିଜେଡି ସରକାର ୧୯ ବର୍ଷ ଧରି କ୍ଷମତାରେ ରହି ଅହଙ୍କାର ଏବଂ ଭ୍ରଷ୍ଟାଚାରରେ ବୁଡି ଯାଇଛନ୍ତି। ବିଜେଡି ସରକାରକୁ ହଟାଇବା ନେଇ ଯୁବସମାଜ ଆଗେଇ ଆସିବା ଉଚିତ ବୋଲି ସେ ମତ ଦେଇଥିଲେ। ଯୁବ ମୋର୍ଚ୍ଚାର ଧୂଷୁରୀ ମଣ୍ଡଳ ସଭାପତି ଅନ୍ତର୍ଯ୍ୟାମୀ ପତିଙ୍କ ଅଧ୍ୟକ୍ଷତାରେ ଜିଲା ସାଧାରଣ ସମ୍ପାଦକ ଅଶୋକ ପୁହାଣ, ଜିଲା ଉପସଭାପତି ଚତୁର୍ଭୁଜ ନାୟକ, ଜିଲା ପରିଷଦ ସଭ୍ୟା ରଞ୍ଜିତା ସ୍ୱାଇଁ, ବିଧାନସଭା ପ୍ରଭାରୀ ବୁଦ୍ଧଦେବ ଜେନା, ସରପଞ୍ଚ ଅନିରୁଦ୍ଧ ସାହୁ, ମଣ୍ଡଳ ସଭାପତି ସଦାଶିବ ପୋଥାଳ, ପୂର୍ବତନ ସମିତି ସଭ୍ୟ ରାମଚନ୍ଦ୍ର ମିଶ୍ର, ମନୋଜ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଧୂଷୁରୀ, ହରିହଂସ, ଓଲଟପୁର, ପୋଖରିଆ, ସାହସପୁର ଗ୍ରାମ ପରିକ୍ରମା କରି କେନ୍ଦ୍ର ମୋଦି ସରକାରଙ୍କ ସଫଳତା ବିଷୟରେ ଭୋଟରଙ୍କୁ ଅବଗତ କରାଇଥିଲେ।

## ଅନ୍ୟ ଦଳର ନେତା, କର୍ମୀ ଭାଜପାରେ ସାମିଲ

**ବାଲେଶ୍ୱର ଅଫିସ, ୨୬।୩**

ସଦର ବ୍ଲକ ଅନ୍ତର୍ଗତ କଷାଫଳ ପଞ୍ଚାୟତରେ ବିଜେଡି ଏବଂ କଂଗ୍ରେସ ଦଳର ଶତାଧିକ କର୍ମୀ ଭାଜପାରେ ସାମିଲ ହୋଇଛନ୍ତି। ଜିଲାସଭାପତି ତଥା ବାଲେଶ୍ୱର ସଦର ଭାଜପା ବିଧାୟକ ପ୍ରାର୍ଥୀ ଦନ ମୋହନ ଦତ୍ତଙ୍କ ଉପସ୍ଥିତିରେ ଏହି ମିଶ୍ରଣ ସଭା ହୋଇଥିଲା। ମଣ୍ଡଳ ପ୍ରଭାରୀ ତଥା ଜିଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଲୋକନାଥ ଭୂୟାଁ, ମୁକୁନ୍ଦ ଆଦିକ, ଅମଲ କୁମାର ମଣ୍ଡଳ, ବାଦଲ କୁମାର ପାତ୍ର, ସତ୍ୟଜିତ ଜେନା, ରାଜେନ୍ଦ୍ର ସିଂହ, ପ୍ରଭାତ ବେହେରା, ଗୁରୁପଦ ପାତ୍ର, ମନ୍ମଥ ବେହେରା, ରାଧାଶ୍ୟାମ ମହାନ୍ତି ସମେତ ସମସ୍ତ ବୁଥ୍ ସଭାପତି ଓ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। କଷାଫଳ ପଞ୍ଚାୟତର ଏହି କର୍ମୀଙ୍କ ମିଶ୍ରଣ ଦଳକୁ ଶକ୍ତିଶାଳୀ କରିବ ବୋଲି ସଦର ଭାଜପା ବିଧାୟକ ପ୍ରାର୍ଥୀ ଦତ୍ତ ମତ ରଖିଥିଲେ।

## ଚାନ୍ଦବାଲି ନିର୍ବାଚନ ମଣ୍ଡଳୀରେ ରାଜନୈତିକ ଉଷ୍ମତା

**ଚାନ୍ଦବାଲି, ୨୬।୩(ଡି.ଏନ.ଏ)**

ଭଦ୍ରକ ଜିଲା ଚାନ୍ଦବାଲି ନିର୍ବାଚନ ମଣ୍ଡଳୀରେ ରାଜନୈତିକ ଉଷ୍ମତା ବଢିବାରେ ଲାଗିଛି। କିଏ କେଉଁ ଦଳରୁ ଟିକେଟ୍ ପାଇବେ ଏନେଇ ଚାରିଆଡେ ଆଲୋଚନା ଲାଗି ରହିଛି।। ଚତୁର୍ଥ ପର୍ଯ୍ୟାୟରେ ନିର୍ବାଚନ ହେବାକୁ ଥିବା ଏହି ନିର୍ବାଚନ ମଣ୍ଡଳୀ ସକାଶେ ଏପ୍ରିଲ ୨ ତାରିଖରୁ ନାମାଙ୍କନ ପତ୍ର ଦାଖଲ ହେବ। ଏହା ମଧ୍ୟରେ ଭାଜପା ବିଧାୟକ ପ୍ରାର୍ଥୀ ଭାବେ ପୂର୍ବତନ ରାଜସ୍ୱମନ୍ତ୍ରୀ ମନମୋହନ ସାମଲଙ୍କ ନାମ ଘୋଷଣା କରି ସାରିଛି। ତେବେ ଅନ୍ୟ ଦୁଇ ପ୍ରମୁଖ ଦଳ କଂଗ୍ରେସ ଓ ବିଜେଡି ଦଳୀୟ ପ୍ରାର୍ଥୀଙ୍କ ନାମ ଘୋଷଣା କରି ନାହାନ୍ତି। କଂଗ୍ରେସ ବିଜେଡିରେ ଏକାଧିକ ଆଶାୟୀ ପ୍ରାର୍ଥୀ ରହିଛନ୍ତି। ଏ ନେଇ ଦଳୀୟ ପ୍ରାର୍ଥୀଙ୍କ ନାମ ଘୋଷଣାରେ ବିଳମ୍ବ ହେଉଥିବା କୁହାଯାଉଛି। ଲାଗିଛି। ଭାଜପା ଦଳୀୟ ଘୋଷଣା କରିବା ପରେ ଦଳୀୟ କର୍ମୀମାନେ ପ୍ରଚାର ଅଭିଯାନ ଲାଗି ଉଦ୍ୟମ ଚଳାଇଛନ୍ତି। ବିଜେଡିରେ ବର୍ତ୍ତମାନର ବିଧାୟକ ବ୍ୟୋମକେଶ ରାୟ ଟିକେଟ ଆଶାୟୀ ଥିବା ବେଳେ କେତେକ ଦଳୀୟ ନେତା ଏହାକୁ ବିରୋଧ କରୁଥିବା ଜଣାପଡିଛି। ତେବେ ଦଳ କାହାକୁ ଏଠାରେ ଟିକେଟ ଦେବ ସେ ନେଇ କର୍ମୀ ମହଲରେ ଚର୍ଚ୍ଚା ଲାଗି ରହିଛି। ୨୦୧୪ ସାଧାରଣ ନିର୍ବାଚନ ଓ ୨୦୧୭ ଜିଲା ପରିଷଦ ନିର୍ବାଚନ ଫଳାଫଳକୁ ବିଚାରକୁ ନେଲେ କଂଗ୍ରେସ ଦଳର ପ୍ରଦର୍ଶନ ନୈରାଶ୍ୟଜନକ ରହିଥିଲା। କେତେକ କଂଗ୍ରେସ ନେତା ଦଳ ଛାଡି ଅନ୍ୟଦଳରେ ଯୋଗଦାନ କରିଥିବାରୁ ଚାନ୍ଦବାଲି ନିର୍ବାଚନ ମଣ୍ଡଳୀରେ ସ୍ଥିତି ବଜାୟ ରଖିବା କଂଗ୍ରେସ ନେତାଙ୍କ ପାଇଁ ଏକ ପ୍ରକାର ଚ୍ୟାଲେଞ୍ଜ ହୋଇ ପଡିଛି। ଧାମରା ଅଞ୍ଚଳର ଦୁଇ କଂଗ୍ରେସ ନେତା ଅମୀୟ ମହାପାତ୍ର ଓ ଦିଗମ୍ବର ଦାସ ଦଳୀୟ ଟିକେଟ ଦୌଡରେ ଆଗରେ ରହିଥିବା ଚର୍ଚ୍ଚା ହେଉଛି ।



ତାଲିମ ଶିବିରରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

## ପ୍ରିଜାଇଡିଂ ଓ ପୋଲିଂ ଅଫିସରଙ୍କୁ ତାଲିମ

**ବାରିପଦା ଅଫିସ, ୨୬।୩**

ମୟୂରଭଞ୍ଜ ଜିଲାରେ ସାଧାରଣ ନିର୍ବାଚନ ସୁପରିଚାଳନା ପାଇଁ ପ୍ରିଜାଇଡିଂ ଓ ପ୍ରଥମ ପୋଲିଂ ଅଫିସରଙ୍କୁ ଦୁଇ ଦିନିଆ ତାଲିମ ପ୍ରଦାନ କରାଯାଇଛି। ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଭିନୀତ ଭରଦ୍ୱାଜଙ୍କ ଅଧ୍ୟକ୍ଷତାରେ ଏହି ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିର ବାରିପଦା ସମେତ ଉଦଳା, ରାଇରଙ୍ଗପୁର ଓ କରିଆଠାରେ ଅନୁଷ୍ଠିତ ହୋଇଥିଲା। ବାରିପଦାସ୍ଥିତ ବାରିପଦା କଲେଜ ଓ ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନଠାରେ ଅନୁଷ୍ଠିତ ଏହି ଦୁଇ ଦିନିଆ କାର୍ଯ୍ୟକ୍ରମରେ ଇଭିଏମ ଓ ଭିଭିପିଏଟି ବ୍ୟବହାର ଓ ବୁଥ୍‌ରେ ସ୍ୱଚ୍ଛ, ଅବାଧ ଓ ନିରପେକ୍ଷ ନିର୍ବାଚନ ପରିଚାଳନା ଉପରେ ମାଷ୍ଟର ଟ୍ରେନର ତାଲିମ ପ୍ରଦାନ କରିଥିଲେ। ବିଶେଷ କରି ବୁଥରେ ନିୟୋଜିତ ହୋଇଥିବା ପ୍ରିଜାଇଡିଂ ଓ ପୋଲିଂ ଅଫିସରମାନଙ୍କ ଦାୟିତ୍ୱ ଓ ଭୂମିକା ସମ୍ପର୍କରେ ଅବଗତ କରାଯାଇଥିଲା। ଏହି ଅବସରରେ ଅତିରିକ୍ତ ଜିଲାପାଳ ବ୍ରଜବନ୍ଧୁ ଭୋଳ, ବାରିପଦା ଉପଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ପ୍ରମୁଖ ଯୋଗଦେଇ ତାଲିମ କାର୍ଯ୍ୟକ୍ରମ ଅନୁଧ୍ୟାନ କରିବା ସହ ମତଦାନ ଗ୍ରହଣ କେନ୍ଦ୍ରରେ ନିର୍ବାଚନ ପ୍ରକ୍ରିୟାକୁ ସଠିକ୍ ଭାବେ ପରିଚାଳନା କରାଯିବା ଦିଗରେ ଗୁରୁତ୍ୱାରୋପ କରିଥିଲେ।

### କଂଗ୍ରେସ ସାଙ୍ଗଠନିକ ସଭା

**ରାଇସୁଆଁ, ୨୬।୩(ଡି.ଏନ.ଏ.):** କେନ୍ଦୁଝର ଜିଲା ସଦର ବ୍ଲକ ଅନ୍ତର୍ଗତ ଶଙ୍କର ଆମ୍ବତୋଟାଠାରେ କଂଗ୍ରେସର ସାଙ୍ଗଠନିକ ସଭା ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନୀ ପାଇଁ କାର୍ଯ୍ୟପନ୍ଥା ସ୍ଥିରିକୃତ ହୋଇଛି। ବୈଠକରେ କଂଗ୍ରେସର ସଦର ନିର୍ବାଚନ ମଣ୍ଡଳିର ବିଧାୟକ ପ୍ରାର୍ଥି ବିଦ୍ୟାଧର ଦେହୁରି, ଶିବ ମାର୍ଡି, ରମାକାନ୍ତ ପାତ୍ର, ଯଦୁମଣି ପାତ୍ର ପ୍ରମୁଖ ଯୋଗ ଦେଇ କଂଗ୍ରେସ ପ୍ରତି ଆସ୍ଥାଭାଜନ ହେବା ସହ ନିର୍ବାଚନରେ ଦଳକୁ ଭୋଟ ଦେଇ ବିଜୟୀ କରିବାକୁ ଲୋକଙ୍କୁ କୁହାଯାଇଥିଲା। ସଭାରେ ବୁଥ ସ୍ତରର ସଭାପତି ଭାବରେ ଉଦୟନାଥ ପାତ୍ରଙ୍କୁ ସଭାପତି, ପରମେଶ୍ୱର ପାତ୍ର ଏବଂ ପ୍ରମୋଦ ବାରିକଙ୍କୁ ଉପସଭାପତି ଭାବରେ ଚୟନ କରାଯାଇଥିଲା।



ନବୀନ ନିବାସ ସମ୍ମୁଖରେ ବିଜେଡି କର୍ମୀ।

## ନବୀନ ନିବାସରେ ଜଳେଶ୍ୱର ବିଜେଡି ବଞ୍ଚାଅ ଧ୍ୱନି

**ଜଳେଶ୍ୱର, ୨୬।୩(ଡି.ଏନ.ଏ.):** ବାଲେଶ୍ୱର ଜିଲା ଜଳେଶ୍ୱର ବିଜେଡିର କେତେକ ନେତୃବୃନ୍ଦ ଏବଂ କର୍ମୀ ସୋମବାର ସନ୍ଧ୍ୟା ସମୟରେ ନବୀନ ନିବାସକୁ ଯାଇ ଦଳର ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଫେରିଛନ୍ତି। ଅନ୍ୟ ଦଳରୁ ଆସି ବିଜେଡିରେ ସାମିଲ ହୋଇଥିବା ନେତା ଓ କର୍ମୀ ସମାନ୍ତରାଳ ଗୋଷ୍ଠୀ ସୃଷ୍ଟି କରି ବିଶୃଙ୍ଖଳା ସୃଷ୍ଟି କରୁଥିବା ସେମାନେ ଅଭିଯୋଗ କରିଥିଲେ। ଜଳେଶ୍ୱର ବ୍ଲକ ଉପାଧ୍ୟକ୍ଷ ତଥା ବିଜେଡିର ଜିଲା ସମ୍ପାଦକ ବ୍ରଜମୋହନ ପ୍ରଧାନ, ଜଳେଶ୍ୱର ଟାଉନ୍ ସଭାପତି ତଥା ପୂର୍ବତନ ନଗରପାଳ ପ୍ରବୀର କୁମାର ପ୍ରଧାନ, ବ୍ଲକ ସଭାପତି ସୁଧୀର ପାତ୍ର, ଯୁବ ସଭାପତି ଅରୁଣ ରାଉଳ, ଶ୍ରୀକଣ୍ଠ ମହାନ୍ତି, ଶିବନାରାୟଣ ମହାପାତ୍ର, ପୂର୍ବତନ ସରପଞ୍ଚ ମଧୁସୂଦନ ଦତ୍ତ ଓ ରମାନାଥ ଗିରି ପ୍ରମୁଖଙ୍କ ସମେତ ଶତାଧିକ କର୍ମୀ ନବୀନ ନିବାସରେ ପହଞ୍ଚି ଜଳେଶ୍ୱର ବିଜେଡି ବଞ୍ଚାଅ ବୋଲି ନାରାବାଜି କରିଥିଲେ। ଅନ୍ୟ ଦଳର ନେତାଙ୍କୁ ଆଣି ଏଠାରେ କର୍ମୀଙ୍କ ଉପରେ ଲଦି ଦିଆଯାଇଥିବାରୁ ଦଳରେ ବିଶୃଙ୍ଖଳା ସୃଷ୍ଟି ହୋଇଥିବା ସେମାନେ ଦର୍ଶାଇଥିଲେ। ଏଣୁ ଚଳିତ ନିର୍ବାଚନରେ ଜଣେ ସ୍ଥାନୀୟ ନେତାଙ୍କୁ ଜଳେଶ୍ୱର ବିଧାନସଭା ଆସନ ଲାଗି ପ୍ରାର୍ଥୀ କରାଯାଉ ବୋଲି ସେମାନେ ମଧ୍ୟ ଦାବି କରିଥିଲେ। ବିଧାୟକଙ୍କ ବିରୋଧୀ ଭାବେ ପରିଚିତ ଏହି ଗୋଷ୍ଠୀ ସ୍ଥାନୀୟ ନେତାଙ୍କୁ ପ୍ରାର୍ଥୀ କରାଗଲେ ୫୦ ହଜାରରୁ ଉର୍ଦ୍ଧ୍ୱ ଭୋଟ ବ୍ୟବଧାନରେ ସେ ବିଜୟୀ ହେବେ ବୋଲି କହିଥିଲେ।

## ଭାଜପା ସଂଖ୍ୟାଲଘୁ ମୋର୍ଚ୍ଚାର ନିର୍ବାଚନୀ ପ୍ରସ୍ତୁତି ବୈଠକ

**କେନ୍ଦୁଝର, ୨୬।୩(ସ୍ୱ.ପ୍ର.)**

ଭାଜପା ସଂଖ୍ୟାଲଘୁ ମୋର୍ଚ୍ଚାର ନିର୍ବାଚନୀ ପ୍ରସ୍ତୁତି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସୋମବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ମୋର୍ଚ୍ଚାର ଭୋଟ ପ୍ରତିଶତ ବୃଦ୍ଧି ପାଇଁ ପଦକ୍ଷେପ ନେବେ ବୋଲି ଆଲୋଚନା ହୋଇଥିଲା। ମୋଦି ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରିବା ଏବଂ ଏହା ଦ୍ୱାରା ମିଳୁଥିବା ସୁବିଧା ଜଣାଇବା ପାଇଁ ଆଲୋଚନା ହୋଇଥିଲା। ସଂଖ୍ୟାଲଘୁ ମୋର୍ଚ୍ଚାର ଜିଲା ସଭାପତି ଜଲାଲୁଦ୍ଦିନ ଆକବରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମଝର ହୋସେନ, ମହତାବ ଆଲାମ, ମୁଜାହିଦ, ବୁଟୁ, ସଫିରୁଦ୍ଦିନ ଖାଁ, ପୂର୍ବତନ ସାଂସଦ ଅନନ୍ତ ନାୟକ, ଅମରବର ଖଟୁଆଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



ଭାଜପା ସଂଖ୍ୟାଲଘୁ ମୋର୍ଚ୍ଚାର କର୍ମକର୍ତ୍ତା।




ଆୟୋଜିତ ସଭାରେ କଂଗ୍ରେସ ନେତା ମାନେ।

## କଂଗ୍ରେସର ଗ୍ୟାରେଣ୍ଟି କାର୍ଡ ବଣ୍ଟନ

**ଭଦ୍ରକ ଅଫିସ, ୨୬।୩**

ଭଦ୍ରକ ବ୍ଲକ ଅନ୍ତର୍ଗତ ଦଇସିଂ ପଞ୍ଚାୟତର ଚଢେୟା ହୋଲି ମେଳନ ପଡିଆରେ କଂଗ୍ରେସ ଗ୍ୟାରେଣ୍ଟି କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପଞ୍ଚାୟତ କଂଗ୍ରେସ ନେତା ତଥା ଜିଲା ଛାତ୍ର କଂଗ୍ରେସ ସଭାପତି ବଳରାମ ରାଉତ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଭଦ୍ରକ ଜିଲା କଂଗ୍ରେସର କାର୍ଯ୍ୟକାରୀ ସଭାପତି ନଳିନୀକାନ୍ତ ମହାନ୍ତି, ମୁଖ୍ୟବକ୍ତା ଭାବେ ଭଦ୍ରକ ବ୍ଲକ କଂଗ୍ରେସ ସଭାପତି ଆଇନଜୀବୀ ପ୍ରଫୁଲ୍ଲ ସାମଲ, ଅନ୍ୟତମ ଅତିଥି ଭାବେ ଭଣ୍ଡାରିପୋଖରୀର ପୂର୍ବତନ ବିଧାୟକ ପଞ୍ଚାନନ ମଣ୍ଡଳ, ପ୍ରଦେଶ କଂଗ୍ରେସ ସମ୍ପାଦକ ଗୋଲାମ ମଇଉଦ୍ଦିନ, ଜିଲା ଉପସଭାପତି ଅତୁଲ୍ୟ ନାୟକ, ଜିଲା ସାଧାରଣ ସମ୍ପାଦକ ପୀତବାସ ଧଳ, ଜିଲା ସଂଖ୍ୟାଲଘୁ ସେଲ ସଭାପତି ସେକ୍ ସମ୍‌ଦାନୀ, ଯୁବ ଯାଦବ ନେତା ପ୍ରକାଶଜ୍ୟୋତି ମହାକୁଡ ଯୋଗ ଦେଇଥିଲେ। କାର୍ଯ୍ୟକାରୀ ସଭାପତି ମହାନ୍ତି ଓ ମଣ୍ଡଳ ସେମାନଙ୍କ ବକ୍ତବ୍ୟରେ ଗ୍ୟାରେଣ୍ଟି କାର୍ଡ ପ୍ରଦାନର ଉଦ୍ଦେଶ୍ୟ ଓ କଂଗ୍ରେସ ଦଳ ପକ୍ଷରୁ ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ ଘୋଷଣା କରିଥିବା ବିଭିନ୍ନ ଜନହିତକର କାର୍ଯ୍ୟର ସୂଚନା ଦେଇଥିଲେ। କୃଷକମାନଙ୍କୁ ଋଣଛାଡ, ମାଗଣାରେ ସୌରଚାଳିତ ପମ୍ପସେଟ୍ ଯୋଗାଣ, ବର୍ଷକୁ ୩ ଥର କୃଷକମାନଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ, ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୬ ଶହ ଟଙ୍କାକୁ ବୃଦ୍ଧି, ମହିଳାଙ୍କୁ ସୁରକ୍ଷା ଇତ୍ୟାଦି ଘୋଷଣା ଏହି ଗ୍ୟାରେଣ୍ଟି କାର୍ଡ ମାଧ୍ୟମରେ ସମସ୍ତ ଜନସାଧାରଣଙ୍କୁ ପ୍ରଦାନ କରାଯାଇଥିବା କୁହାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ନାରୀନେତ୍ରୀ ଜ୍ୟୋତ୍ସ୍ନା ପତି, ନିତ୍ୟାନନ୍ଦ ପଣ୍ଡା ବକ୍ତବ୍ୟ ପ୍ରଦାନ କରିଥିଲେ। ସଭାଶେଷରେ ଉପସ୍ଥିତ ଲୋକଙ୍କୁ ଗ୍ୟାରେଣ୍ଟି କାର୍ଡ ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବସନ୍ତ ପଣ୍ଡା, ଗଣେଶ ସେଠୀ, ମୁନା ପତି ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ମଞ୍ଚ କଳାକାର କାଳନ୍ଦୀ ସମ୍ବର୍ଦ୍ଧିତ

**ଭଦ୍ରକ ଅଫିସ, ୨୬।୩:** ଭଦ୍ରକର କଳା ସଂଗଠକ, ରାଜ୍ୟ ଅପେରା କଳାକାର କର୍ମଚାରୀ ମହାସଂଘର ସଂଯୋଜକ ତଥା ମଞ୍ଚ କଳାକାର କାଳନ୍ଦୀ ମଲିକଙ୍କୁ ଯାଜପୁର ଜିଲାରେ ସମ୍ବର୍ଦ୍ଧିତ କରାଯାଇଛି। ଜେନାପୁର ଥାନା ଧର୍ମଶାଳା ବ୍ଲକ ଏଣ୍ଡଲବା ପଞ୍ଚାୟତର ମାଳହାଟଠାରେ ସାତଖଣ୍ଡ ମୌଜାର ମେଳନ ଅନୁଷ୍ଠାନ ଏବଂ ବ୍ରାହ୍ମଣୀ ଦେବୀ ସେବା ସଂଘ ଓ ସାଂସ୍କୃତିକ ପରିଷଦର ମିଳିତ ପ୍ରଚେଷ୍ଟାରେ ଆୟୋଜିତ ବିଶ୍ୱକଲ୍ୟାଣ ମହାଯଜ୍ଞ ସମାରୋହରେ ତାଙ୍କ କଳା ପ୍ରତିଭା ଓ ସାରସ୍ୱତ ସାଧନା ପାଇଁ ତାଙ୍କୁ ଏହି ସମ୍ବର୍ଦ୍ଧନା ଦିଆଯାଇଛି। ଶିକ୍ଷାବିତ୍ ଯୁଧିଷ୍ଠିର ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଆଧାତ୍ମିକ ବ୍ୟକ୍ତିତ୍ୱ ରମାକାନ୍ତ ସାହୁ, ମୁଖ୍ୟବକ୍ତା ଭାବେ ଶିକ୍ଷା ଗବେଷଣା ଉପାଧିପ୍ରାପ୍ତ ଡ. ଦୟାନିଧି ଦାସ ଏବଂ ମେଳା କମିଟି ସଭାପତି ଅନିରୁଦ୍ଧ ସାହୁ, ଅକ୍ଷୟ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ।

### ଫେରାର ଅଭିଯୁକ୍ତ ଗିରଫ

**ପଦ୍ମପୁର, ୨୬।୩(ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ନାୟକାଣିଡିହୀ ପୋଲିସ ଜଣେ ଫେରାର ଅଭିଯୁକ୍ତଙ୍କୁ ଗିରଫ କରିଛି। ପୋଲିସ ଠାରୁ ପ୍ରାପ୍ତ ସୂଚନା ଅନୁଯାୟୀ ଲକ୍ଷ୍ମୀଦାସପୁର ପଞ୍ଚାୟତର ରଘୁପୁର ଗ୍ରାମର ସନ୍ତୋଷ ନାୟକଙ୍କ ନାମରେ ଜିଆର ମାମଲା (ନଂ.୨୧୧/୧୫) ଥିଲା। ତାଙ୍କୁ ମଙ୍ଗଳବାର ପୋଲିସ ଗିରଫ କରି ଅପରାହ୍ନରେ କୋର୍ଟ ଚାଲାଣ କରିଛି।

### ୨ ଚୋରା ମଦ ବେପାରୀ ଗିରଫ

**ପଦ୍ମପୁର, ୨୬।୩(ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ନାୟକାଣିଡିହୀ ପୋଲିସ ଦୁଇ ଚୋରା ମଦ ବେପାରୀଙ୍କୁ ଗିରଫ କରିଛି। ନାୟକାଣିଡିହୀର ଦୁଃଖିରାମ ସେଠୀ ବଜାରରେ ମଦ ବିକ୍ରି କରୁଥିବା ବେଳେ ପୋଲିସ ତାଙ୍କ ଠାରୁ ୬ ଲିଟର ୪୦୦ ମିଲି ମଦ ଜବତ କରି ତାଙ୍କୁ ଗିରଫ କରିଛି। ଏନେଇ ଥାନାରେ ଏକ ମାମଲା (ନଂ.୪୨/୧୯) ରୁଜୁ ହୋଇଛି। ସେହିପରି ବାଲିମେଦ ଗ୍ରାମର ରତିକାନ୍ତ ଜେନାଙ୍କ ଠାରୁ ୯ ଲିଟର ୪୦୦ ମିଲି ମଦ ଜବତ ସହ ପୋଲିସ ଥାନାରେ ଏକ ମାମଲା(ନଂ ୪୧/୧୯) ରୁଜୁ କରି ଉଭୟଙ୍କୁ କୋର୍ଟ ଚାଲାଣ କରିଛି।

# ସଙ୍କଟରେ ନାଟ୍ୟ ଅନୁଷ୍ଠାନ

**ଭଦ୍ରକ ଅଫିସ, ୨୬।୩**

ଭଦ୍ରକ ଜିଲା ଏକଦା ନାଟ୍ୟ ଆନ୍ଦୋଳନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା।। ଏବେ ଆଗଭଳି ଆଉ ନାଟ୍ୟାନୁଷ୍ଠାନ ନାହିଁ କି ମଞ୍ଚ ନାଟକ ପରିବେଷଣ ହେଉନାହିଁ। କଳାକାର ଥିଲେ ବି ସେମାନଙ୍କୁ କଳା ପ୍ରଦର୍ଶନ ଲାଗି ଉପଯୁକ୍ତ ମଞ୍ଚ ମିଳୁନାହିଁ। ପୁରାତନ ମଞ୍ଚଗୁଡିକ ବିଲୁପ୍ତପ୍ରାୟ ହୋଇସାରିଲାଣି। କେତେକ ସୌଖିନ କଳାକାର ନାଟ୍ୟକଳାକୁ ବଞ୍ଚାଇ ରଖିବା ପାଇଁ ଉଦ୍ୟମ ଚଳାଇ ଦୁର୍ଦ୍ଦିନରେ ଦିନ ବିତାଉଛନ୍ତି।

ସାହିତ୍ୟ, ସଂସ୍କୃତିର ସହର ଭାବେ ପରିଚିତ ଭଦ୍ରକରେ ସ୍ଥାୟୀ ନାଟ୍ୟ ମଣ୍ଡପ ନିର୍ମାଣ ଲାଗି କଳାକାରମାନେ ବହୁ ଦିନରୁ ଦାବି କରି ଆସୁଛନ୍ତି। ସ୍ଥାନୀୟ ଟାଉନହଲ ପରିସରରେ ଏବେ ଅସ୍ଥାୟୀ ପ୍ୟାଣ୍ଡେଲ କରାଯାଇ ନାଟକ ମଞ୍ଚସ୍ଥ କରାଯାଉଛି। ଉପଯୁକ୍ତ ଭିତ୍ତିଭୂମି ଅଭାବରୁ ମଞ୍ଚସ୍ଥ ନାଟକ ମୌଳିକତା ହରାଇବସୁଛି। କଳାକାରମାନଙ୍କୁ ସରକାରୀ ସ୍ତରରେ ଭତ୍ତା ଦିଆଯାଉଥିଲେ ବି ଏହି ପ୍ରୋତ୍ସାହନ ସମୁଦ୍ରକୁ ଶଙ୍ଖେଭଳି। ନାଟ୍ୟ ଅନୁଷ୍ଠାନଗୁଡିକର ପୁନଃରୁଦ୍ଧାର


ଟାଉନ୍‌ହଲ୍‌ରେ ନାଟ୍ୟାଭିନୟ (ଫାଇଲ୍ ଫଟୋ)

ଲାଗି ରାଜ୍ୟ ସଂସ୍କୃତି ବିଭାଗ କୌଣସି ଉଦ୍ୟମ କରୁ ନ ଥିବା କଳାକାରମାନେ ଅଭିଯୋଗ କରୁଛନ୍ତି। ଆଗରୁ ସହର ସମେତ ଗ୍ରାମାଞ୍ଚଳରେ ବହୁ ମଞ୍ଚ ନାଟକ ମଞ୍ଚସ୍ଥ ହେଉଥିବା ବେଳେ ଏବେ କାଁ ଭାଁ ନାଟକ ମଞ୍ଚସ୍ଥ ହେଉଥିବା ଦେଖିବାକୁ ମିଳୁଛି। ଏଭଳି ପରିସ୍ଥିତିରେ କେତେକ ମଞ୍ଚ କଳାକାର ନାଟକର ମୋହ ଛାଡି ନ ପାରି ନାଟ୍ୟକଳାକୁ ଯଥାସାଧ୍ୟ ବଞ୍ଚାଇ ରଖିବାକୁ ଉଦ୍ୟମ ଚଳାଇଛନ୍ତି। କେତେକ କଳାକାର ବ୍ୟବସାୟିକ ଭିତ୍ତିରେ ଅଭିନୟ କରିବା ପନ୍ଥା ଆଦରି ନେଉଥିବା ବେଳେ ଆଉ କେତେକ ପଥ ବଦଳାଇବାକୁ ବାଧ ହେଉଛନ୍ତି।

କଳାକାରଙ୍କ ଏନ୍ତୁଡିଶାଳ କୁହାଯାଉଥିବା ଭଦ୍ରକର ପୁରୁଣା ଟାଉନହଲ୍ ଓ ମନମୋହନ ସଙ୍ଗୀତ ପରିଷଦର ଅଧାଗଢା ମଞ୍ଚ ଏବେ ଅତୀତର ସ୍ମୃତି ପାଲଟିଛି। ଏକଦା ମନମୋହନ ସଙ୍ଗୀତ ପରିଷଦ ଅନେକ କଳାକାର ସୃଷ୍ଟି କରିଥିଲା। ଏହାର ମଞ୍ଚ ବର୍ତ୍ତମାନ ସୁଦ୍ଧା ଅଧାଗଢା ଅବସ୍ଥାରେ ରହିଛି । ଏହାସତ୍ତ୍ୱେ ସହରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଲାଗି ଏହି ମଞ୍ଚ ଅନେକଙ୍କ ପ୍ରଥମ ପସନ୍ଦ ହୋଇରହିଛି। ଆଗରୁ ନାଟକ ଆରମ୍ଭ ହେବା ପୂର୍ବରୁ ଦର୍ଶକଙ୍କ ଭିଡ ଜମୁଥିଲା। ଏବେ ଦର୍ଶକଙ୍କ ରୁଚି ବଦଳିଛି। ସେମାନେ ମେଲୋଡି, ରେକର୍ଡ ଡ୍ୟାନ୍ସ , ସିନେମା ଓ ଇଣ୍ଟରନେଟ୍ ପ୍ରତି ଅଧିକ ଆକୃଷ୍ଟ ହେଉଥିବାରୁ ନାଟକ ଦେଖିବାକୁ ମନ ବଳାଉ ନାହାନ୍ତି। ଜିଲାରେ ସ୍ୱର୍ଗତ ବସନ୍ତ ମହାପାତ୍ର, ସ୍ୱର୍ଗତ ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡା, ସ୍ୱର୍ଗତ ଶ୍ୟାମସୁନ୍ଦର ମହାପାତ୍ର, ସ୍ୱର୍ଗତ କୃଷ୍ଣପ୍ରସାଦ ବେହେରା, ସ୍ୱର୍ଗତ ପ୍ରସନ୍ନ ଦାସ, ସ୍ୱର୍ଗତ ନରସିଂହ ମହାପାତ୍ର, ସ୍ୱର୍ଗତ ଲଳିତା ଦାସ ପ୍ରମୁଖ ନାଟକ ଓ ମୁକ୍ତ ମଞ୍ଚ ନାଟକ କ୍ଷେତ୍ରରେ ମାଲ ଖୁଣ୍ଟ ସୃଷ୍ଟି କରିଯାଇଛନ୍ତି। ସେହିପରି ଗିରୀଶଚନ୍ଦ୍ର ନାୟକ, ପ୍ରଫେସର ଅଟଳବିହାରୀ ନାୟକ, ସୁଧାକର ନନ୍ଦ, ଲଲାଟେନ୍ଦୁ ମହାନ୍ତି, ଡ. ପଦ୍ମକାନ୍ତ ଧଳ, ବାଦଲ ସିକ୍‌ଦାର, ବିଜୟ ମହାନ୍ତି(କୁଲଫି), ନରେନ୍ଦ୍ର ପରିଡା, କାନ୍ତା ସିଂ, ଦିପ୍ତି ପଣ୍ଡା, ରାଜଲକ୍ଷ୍ମୀ ପଣ୍ଡା, ପ୍ରଫୁଲ ପଣ୍ଡା, ଶକ୍ତି ବରାଳ ପ୍ରମୁଖ ନାଟ୍ୟକାର ଓ କଳାକାରମାନେ ନାଟକକୁ ନୂଆ ଦିଗ୍‌ଦର୍ଶନ ଦେଇଛନ୍ତି। ନାଟ୍ୟଶ୍ରୀ ନିର୍ମଳ ରାଉତ, ଡ. ପଦ୍ମକାନ୍ତ ଧଳ, ଇଂ ଅମ୍ବିକା ବଲଭ ସ୍ୱାଇଁ, କାଦମ୍ବରୀ କରଶର୍ମା, କାଳନ୍ଦୀ ମଲିକ ଭଳି ଶତାଧିକ ମଞ୍ଚ ଓ ଦୂର ଦର୍ଶନ କଳାକାର ଜିଲା ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ବୁଧବାର ବିଶ୍ୱ ନାଟ୍ୟ ଦିବସ ପାଳନ ହେବାକୁ ଯାଉଥିବା ଅସରରେ ଭଦ୍ରକର ପୁରାତନ ନାଟ୍ୟ ଅନୁଷ୍ଠାନ ଓ କଳା ପରମ୍ପରାକୁ ବଞ୍ଚାଇ ରଖିବା ପାଇଁ ସରକାରୀ ଉଦ୍ୟମ ନିତାନ୍ତ ଆବଶ୍ୟକ ବୋଲି ଅନେକ କଳାକାର ମତ ଦେଇଛନ୍ତି।

■ ଅଡାଳପଙ୍କ ପ୍ରିମିୟର ଲିଗ ଉଦ୍‌ଯାପିତ

# ରିସି ରାଇଜିଂକୁ ହରାଇ ରେନ ବୋ ଟିକ୍‌ଟକ୍ ଚାମ୍ପିୟନ୍


ଟ୍ରଫି ସହ ଚାମ୍ପିୟନ ଟିମର ଖେଳାଳିମାନେ।

**ବନ୍ତ,୨୬।୩(ସ୍ୱ.ପ୍ର.)**

ଭଦ୍ରକ ଜିଲା ବନ୍ତ ବ୍ଲକ ଅଡାଳପଙ୍କ ମିନି ଷ୍ଟାଡିୟମରେ ଶୁକ୍ରବାର ଠାରୁ ଆରମ୍ଭ ହୋଇଥିବା ଦୀପକ ସ୍ମାରକୀ ଅଡାଳପଙ୍କ ପ୍ରିମିଅର୍ ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ରେନ୍‌ବୋ ୟୁଥ କ୍ଲବ ପକ୍ଷରୁ ଅନୁଷ୍ଠିତ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ରେନ ବୋ ଟିକ୍ ଟକ୍ ୭୩ ରନରେ ରିସି ରାଇଜିଙ୍ଗକୁ ହରାଇ ଚଳିତ ବର୍ଷ ଚମ୍ପିୟନ ହୋଇଛି। ଟସ୍ ଜିତି ରେନ୍‌ବୋ ଟିକ୍ ଟକ୍ ପ୍ରଥମେ ବ୍ୟାଟିଂ କରିଥିଲା। କୃଷ୍ଣଚନ୍ଦ୍ର ଖିଲାରଙ୍କ ୭୯ ରନ(୨୦ ବଲ୍) ସାହାଯ୍ୟରେ ନିର୍ଦ୍ଧାରିତ ୧୨ ଓଭରରେ ୮ ୱିକେଟ ହରାଇ ଏହି ଟିମ୍ ୧୪୭ ରନ ସଂଗ୍ରହ କରିଥିଲା। ୧୪୮ ରନର ବିଜୟ ଲକ୍ଷ୍ୟକୁ ପିଛା କରି ରିସି ରାଇଜିଂ ମାତ୍ର ୭୪ ରନରେ ସମସ୍ତ ୱିକେଟ ହରାଇଥିଲା। ରେନବୋ ର କୃଷ୍ଣଚନ୍ଦ୍ରଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ରାମଚନ୍ଦ୍ରପୁର ସରପଞ୍ଚ ବିଜୟ କୁମାର ବିଶ୍ୱାଳ, ବିକାଶ ପଣ୍ଡା, ମୁକୁନ୍ଦ ଜେନା ପ୍ରମୁଖ ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ଯୋଗ ଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଟିମକୁ ଟ୍ରଫି ପ୍ରଦାନ କରିଥିଲେ। ଆମ୍ପାୟାର ଭାବେ ରାଜେଶ ପଣ୍ଡା ଓ ରଜତ ନାୟକ, ସ୍କୋରର ଭାବେ ପ୍ରତାପ ବାରିକ ଓ ହିମାଂଶୁ ପଣ୍ଡା ଦାୟିତ୍ୱ ନିର୍ବାହ କରିଥିଲେ। ପ୍ରଶାନ୍ତ ଜେନା ଓ ସିପୁ ରାଉତ ଧାରା ବିବରଣୀ ପ୍ରଦାନ କରିଥିଲେ। ରେନବୋ ଟିମ୍ ଓନର ପ୍ରଫୁଲ୍ଲ ଜେନା, ପରିଚାଳକ ପ୍ରମୋଦ ଜେନା, କମଳା ବିଶ୍ୱାଳଙ୍କ ସମେତ ସମସ୍ତ ସଦସ୍ୟ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

# ଗୋଚର ଜମିରେ ଗୃହ ନିର୍ମାଣକୁ ବିରୋଧ

■ ତହସିଲ ପ୍ରଶାସନକୁ ଭେଟିଲେ ଗ୍ରାମବାସୀ

**ତିହିଡ଼ି, ୨୬।୩(ଡି.ଏନ୍.ଏ.)**

ଭଦ୍ରକ ଜିଲା ତିହିଡ଼ି ତହସିଲ ଅଧୀନ କୁବେରା ପଞ୍ଚାୟତର କୁବେରା ଓ ଦେଉଳା ମୌଜା ସଂଲଗ୍ନ ଲୁଣିଚାନ୍ଦି ପଡ଼ିଆକୁ ଲୋକେ ଗୋଚର ଜମି ଭାବେ ବ୍ୟବହାର କରିଆସୁଛନ୍ତି। ଏହି ଜମିରେ ଏବେ ଏକ ଘର ନିର୍ମାଣ ହେଉଥିବାରୁ ଇଡ଼ାଗଡ଼ି ଓ ଦେଉଳା ଗ୍ରାମବାସୀ ବିରୋଧ କରିଛନ୍ତି। ସେମାନେ ମଙ୍ଗଳବାର ଅତିରିକ୍ତ ତହସିଲଦାର କୈଳାସ ଚନ୍ଦ୍ର ମହାଲିକଙ୍କୁ ଭେଟି ଏ ସମ୍ପର୍କରେ ଅଭିଯୋଗ କରି ତୁରନ୍ତ ପଦକ୍ଷେପ ନେବାକୁ ଦାବି ଜଣାଇଛନ୍ତି। ସପ୍ତାହକ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନ ହେଲେ ସେମାନେ ତହସିଲ କାର୍ଯ୍ୟାଳୟ ସାମ୍ନାରେ


ତିହିଡ଼ି ତହସିଲ କାର୍ଯ୍ୟାଳୟରେ ଇଟାଗଡ଼ି ଓ ଦେଉଳା ଗ୍ରାମବାସୀ।

ଗଣଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ଅତିରିକ୍ତ ତହସିଲଦାର ମହାଲିକ ଏହାର ତଦନ୍ତ କରି ତୁରନ୍ତ ରିପୋର୍ଟ ଦେବାକୁ ବିଲଣା ରାଜସ୍ୱ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗ୍ରାମର ଦୀପକ ଖଟୁଆ, ରଶ୍ମୀରଞ୍ଜନ ବେହେରା, ଅକ୍ଷୟ ଦାସ, ବଳରାମ ବେହେରା, ସରୋଜ ଖୁଣ୍ଟିଆ, ରଙ୍ଗାଧର ସେଠୀ, ସନାତନ ମଲିକ, ସୁଧାକର ବେହେରା, କାହ୍ନୁ ଚରଣ ମଲିକ ପ୍ରମୁଖ ତହସିଲ ପ୍ରଶାସନକୁ ଭେଟି ଭେଟିବା ସହ ଏ ସମ୍ପର୍କରେ ମଧ୍ୟ ଜିଲାପାଳ ଓ ତିହିଡ଼ି ଥାନା ଅଧିକାରୀଙ୍କୁ ମଧ୍ୟ ଜଣାଇଛନ୍ତି।

# ଗ୍ୟାସ ଟାଙ୍କି ଫାଟି ଦୋକାନ ଜଳିଗଲା

**ବାସୁଦେବପୁର, ୨୬।୩(ଡି.ଏନ.ଏ.)**

ବାସୁଦେବପୁର ବ୍ଲକର ବ୍ରାହ୍ମଣୀଗାଁ ବଜାରରେ ମଙ୍ଗଳବାର ସନ୍ଧ୍ୟାରେ ଏକ ତେଲଭାଜି ଦୋକାନର ଗ୍ୟାସ ଟାଙ୍କି ଫାଟିଯିବାରୁ ୨ଟି ଦୋକାନ ଜଳିଯାଇଥିବା ବେଳେ ୨ଆହତ ହୋଇଛନ୍ତି। ଆହତ ଦୁଇ ବ୍ୟକ୍ତି ହେଲେ ବନମାଳୀ ସାହୁ, ରତ୍ନାକର ସାହୁ। ସେମାନଙ୍କୁ ଚିକିତ୍ସା ପାଇଁ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହି ଗ୍ୟାସ ସିଲିଣ୍ଡର ଫାଟିବା ପରେ ନିଆଁ ଲାଗି ବନମାଳୀ ସାହୁଙ୍କ ଦୋକାନ ସହ ଶାନ୍ତିଲତା ବେହେରାଙ୍କର ଷ୍ଟେଶନାରୀ ଦୋକାନ ଜଳିଯାଇଛି। ଦୋକାନ ଖୋଲି ଗ୍ୟାସ ଲଗାଉଥିବା ବେଳେ ହଠାତ୍ ଗ୍ୟାସ ଲିକ୍‌ରୁ ନିଆଁ ଧରିଥିଲା। ସ୍ଥାନୀୟ ଲୋକେ ନିଆଁକୁ ଆୟତ୍ତ କରିଥିଲେ।

# ଛଣ ବୋଝେଇ ଟାଟାଏସି ଜଳିଗଲା

**ଭଣ୍ଡାରିପୋଖରୀ, ୨୬।୩(ଡି.ଏନ.ଏ.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ରହଣିଆ ଗ୍ରାମରେ ମଙ୍ଗଳବାର ମଧ୍ୟାହ୍ନ ସମୟରେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଏକ ଛଣ ବୋଝେଇ ଟାଟାଏସି (ନଂ. ଓଆର୍ ୦୫ ଏକେ ୧୧୩୬) ଜଳିଯାଇଛି। ରହଣିଆରୁ ଛଣ ବୋଝେଇ କରି ଗାଡିଟି ଆସୁଥିବା ବେଳେ ରହଣିଆ ଲକ୍ଷ୍ମୀବଜାର ଠାରେ ଓହଳି ରହିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲା। ଫଳରେ ଛଣରେ ନିଆଁ ଲାଗିଯାଇଥିଲା। ସ୍ଥାନୀୟ ଗ୍ରାମବାସୀ ନିଆଁକୁ ଆୟତ୍ତ କରିଥିଲେ। ବିଦ୍ୟୁତ୍ ବିଭାଗ ପକ୍ଷରୁ ବହୁ ବର୍ଷ ତଳେ ଟଣାଯାଇଥିବା ବିଦ୍ୟୁତ୍ ତାର ଅନେକ ସ୍ଥାନରେ ରାସ୍ତାକୁ ଓହଳି ରହିଛି । ଏ ନେଇ ବିଭିନ୍ନ ସମୟରେ ଏଭଳି ଦୁର୍ଘଟଣାମାନ ଘଟୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

## ମୟୂରଭଞ୍ଜ

### କୂଅରୁ ମହିଳାଙ୍କ ମୃତଦେହ ଉଦ୍ଧାର ହତ୍ୟା ଅଭିଯୋଗ

**ଠାକୁରମୁଣ୍ଡା,୨୬।୩(ଡି.ଏନ.ଏ):** ମୟୂରଭଞ୍ଜ ଜିଲା ମହୁଲଡ଼ିହା ଥାନା ଅନ୍ତର୍ଗତ ପତରପଡ଼ା ଗ୍ରାମର ଜଣେ ମହିଳାଙ୍କ ମୃତଦେହ ତାଙ୍କ ଘରପଛ ପଟ କୂଅରୁ ଉଦ୍ଧାର ହୋଇଛି। ମହିଳାଙ୍କୁ ହତ୍ୟା କରାଯାଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ସ୍ଥାନୀୟ ପୋଲିସ ମୃତଦେହ ଜବତ କରିବା ସହିତ ଘଟଣାର ତଦନ୍ତ ଜାରି ରଖିଛି। କିନ୍ତୁ ମୃତ୍ୟୁର କାରଣ ଜଣାପଡ଼ି ନ ଥିବା ପୋଲିସ ପ୍ରାଥମିକ ତଦନ୍ତ ପରେ କହିଛି। ଘଟଣାରୁ ପ୍ରକାଶ ଯେ, ସୋମବାର ସକାଳ ୬ଟାରେ ପତରପଡ଼ା ଗ୍ରାମର କୁନା ବାର୍ଲାଙ୍କ ସ୍ତ୍ରୀ ଦୁଶ ବାର୍ଲା (୫୫) ତାଙ୍କ ଘର ପଛପଟ କୂଅକୁ ପାଣି ଆଣିବାକୁ ଯାଇ ଆଉ ଫେରି ନ ଥିଲେ। ସକାଳ ୯ଟାରେ ଏହାଦେଖି ତାଙ୍କ ପୁତୁରା ଘର ଲୋକଙ୍କୁ କହିଥିଲେ। ଘର ଲୋକ ଦୁଶଙ୍କୁ କୂଅରୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୁଶଙ୍କ ପୁତୁରା ମହୁଲଡ଼ିହା ଥାନାରେ ଅଭିଯୋଗ କରିବା ପରେ ପୋଲିସ ମୃତଦେହ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ଘଷିପୁରା ଡାକ୍ତରଖାନା ପଠାଇଛି। ପାରିପାର୍ଶ୍ୱିକ ଅବସ୍ଥାରୁ ଏହା ଏକ ହତ୍ୟାକାଣ୍ଡ ବୋଲି ପୋଲିସ ସନ୍ଦେହ କରୁଥିବା କହିଛି। ତଦନ୍ତ ପରେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ ବୋଲି ଥାନାଧିକାରୀ ସଞ୍ଜୟ ପ୍ରଧାନ କହିଛନ୍ତି।

### ଜମି ଦେବା ନାଁରେ ଠକେଇ

**ଉଦଳା,୨୬।୩(ଡି.ଏନ.ଏ.):** ମୟୂରଭଞ୍ଜ ଜିଲାର ଉଦଳା ସମେତ ପ୍ରତିପଦା ଥାନା ଅଞ୍ଚଳରେ ଲୋକଙ୍କୁ ଜମି ଦେବା ନାମରେ ୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଠକି ନେଇଥିବା ଜଣେ ବ୍ୟକ୍ତିଙ୍କୁ ସ୍ଥାନୀୟ ଲୋକେ ଧରି ପୋଲିସ ଜିମା ଦେଇଛନ୍ତି। ଏ ନେଇ ଉଦଳା ଥାନାରେ ଠକେଇର ଶିକାର ହୋଇଥିବା ଲୋକେ ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ କରାଯାଉଥିବା ପୋଲିସ କହିଛି।

### ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

**ରାଇରଙ୍ଗପୁର,୨୬।୩(ଡି.ଏନ.ଏ.)** ମୟୂରଭଞ୍ଜ ଜିଲା ଯାମଦା ଥାନା ଅନ୍ତର୍ଗତ ଜାରକାଣି ଗ୍ରାମର ଲକ୍ଷ୍ମୀ ପାତ୍ର ନାମ୍ନୀ ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ ୩/୧୯) ରୁଜୁ କରି ତଦନ୍ତ କରୁଥିବା କହିଛି।

# ସମିତି କାର୍ଯ୍ୟାଳୟ ଘେରିଲେ ମହିଳା

**ବିଶୋଇ,୨୬।୩(ଡି.ଏନ୍.ଏ.)**

ମିଳୁନି ପିଇବା ପାଣି

ବିଶୋଇ ବ୍ଲକ୍ ଖଡ଼ମବେଡ଼ା ପଞ୍ଚାୟତ କାଦପାଣି ଗ୍ରାମ ବଡ଼ସାହିର ଶତାଧିକ ମହିଳା ପାନୀୟଜଳ ସମସ୍ୟା ନେଇ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଘେରାଉ କରିବା ସହିତ ବିଡ଼ିଓ ବିବୁଧ ଗଡ଼ନାୟକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଯଥାଶୀଘ୍ର ଏହି ସମସ୍ୟାର ସମାଧାନ କରିବାକୁ ମହିଳାମାନେ ଦାବି କରିଛନ୍ତି। ବିଶୋଇ ବ୍ଲକ୍ ପାନୀୟଜଳ ଯୋଗାଣ ଓ ପରିମଳ ମିଶନ କନିଷ୍ଠଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି, ପୂର୍ବରୁ ଉକ୍ତ ଗ୍ରାମର ୱାର୍ଡମେମ୍ବର ଓ ସରପଞ୍ଚ ଏହି ବିଷୟରେ ବ୍ଲକ ପ୍ରଶାସନକୁ ଅବଗତ କରାଇଥିଲେ। ତେବେ ପାଇପ ଲାଇନର ସଂଯୋଗ ପାଇଁ ନିଷ୍ପତ୍ତି ନିଆଯାଇଛି। କାମ କେତେବାଟ ଅଗ୍ରସର ହୋଇଛି ସେ ନେଇ


ପାନୀୟଜଳ ସମସ୍ୟା ନେଇ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ ମହିଳାଙ୍କ ପ୍ରତିବାଦ ।

ଅନୁଧ୍ୟାନ କରାଯିବ। ରିପୋର୍ଟ ଆସିବା ପରେ ପଦକ୍ଷେପ ନିଆଯିବ। ଗ୍ରାମବାସୀଙ୍କ କହିବା ଅନୁଯାୟୀ ଏହି ବିଷୟରେ ଅନେକ ଥର ସ୍ଥାନୀୟ ସରପଞ୍ଚ ଓ ୱାର୍ଡମେମ୍ବରଙ୍କୁ ଜଣାଇ ଆସୁଥିଲେ ହେଁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଆଗାମୀ ସପ୍ତାହେ ମଧ୍ୟରେ ଏହାର ଉଚିତ ପଦକ୍ଷେପ ନିଆ ନ ଗଲେ ରାଜରାସ୍ତାକୁ ଓହ୍ଲାଇବାକୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, କାଦପାଣି ଗ୍ରାମ କଲୋନୀ ସାହି, ପାତ୍ର ସାହି ଓ ବଡ଼ ସାହିକୁ ନେଇ ଗଠିତ। ପାନୀୟଜଳ ଯୋଗାଣ ପାଇଁ ଗ୍ରାମ୍ୟ ପାଇପ ଜଳ ଯୋଗାଣ ପ୍ରକଳ୍ପରେ ବ୍ଲକ ପ୍ରସାଶନ ପକ୍ଷରୁ କଲୋନୀସାହି ନିକଟରେ ଏକ ପାଣିଟାଙ୍କି ନିର୍ମିତ ହୋଇଥିଲା। ତେବେ କଲନୀ ସାହି ଟାଙ୍କି ନିକଟରେ ଅବସ୍ଥିତ ଥିବାରୁ ଏହି ସାହିକୁ ଜଳ ଯୋଗାଣ ହୋଇପାରୁଥିବା ବେଳେ ପାତ୍ରସାହିକୁ ମଧ ପାଇପ ଲାଇନ ସଂଯୋଗ ହୋଇ ଜଳ ଯୋଗାଣ ଚାଲୁଛି। ମାତ୍ର ବଡ଼ସାହିରେ ବର୍ତ୍ତମାନ ପର୍ଯ୍ୟନ୍ତ ଅଧପନ୍ତରିଆ ଭାବେ ପାଇପ ଲାଇନ ବିଛା ହୋଇରହିଛି।ଉକ୍ତ ସାହି ଟାଙ୍କିକୁ ପାଇପ୍ ସଂଯୋଗ କରା ହୋଇନାହିଁ। ଫଳରେ ବଡ଼ସାହିର ୭୦ରୁ ଉର୍ଦ୍ଧ୍ୱ ପରିବାର ପାନୀୟଜଳ ସମସ୍ୟାରେ ରହୁଛନ୍ତି। ଏହି ସାହିରେ ୩ଟି ନଳକୂପ ଥିବା ବେଳେ ସେଥିମଧ୍ୟରୁ ୨ଟି ପରିତ୍ୟକ୍ତ ଅବସ୍ଥାରେ ରହିଛି । ସଚଳ ନଳକୂଅରୁ ଗ୍ରୀଷ୍ମ ଦିନ ଆସିଲେ ଗୋଳିଆ ପାଣି ବାହାରୁଛି ବୋଲି ଗ୍ରାମବାସୀ କହିଛନ୍ତି।

■ ପୃଥକ୍ ବାଇକ୍ ଦୁର୍ଘଟଣା

# ୨ ମୃତ, ୪ ଗୁରୁତର

**ଠାକୁରମୁଣ୍ଡା/ଖୁଣ୍ଟା,୨୬।୩(ଡି.ଏନ.ଏ)**

ମୟୂରଭଞ୍ଜ ଜିଲାର ଦୁଇଟି ଭିନ୍ନ ସ୍ଥାନରେ ବାଇକ୍ ଦୁର୍ଘଟଣାରେ ଦୁଇଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୬ ଜଣ ଗୁରୁତର ହୋଇଛନ୍ତି। ମୃତକମାନେ ହେଲେ ଶରତ ଥାନା ଅନ୍ତର୍ଗତ କଟୁରିଆ ଗ୍ରାମର ମଙ୍ଗଲ ସିଂଙ୍କ ବଡ଼ପୁଅ ରମେଶ ସିଂ(୧୭) ଓ ଖୁଣ୍ଟା ବ୍ଲକ ଅଧୀନ ଖୁଦପୁରୁଲି ଗ୍ରାମର ବଳିଆ ନାଏକଙ୍କ ପୁଅ ଅଜୟ।

ଘଟଣା ଅନୁସାରେ, ବଜ୍ର ଦଙ୍ଗ(୧୮), ସୁରେନ୍ଦ୍ର ମୁର୍ମୁ(୨୦) ଏବଂ ରମେଶ ସିଂ ଏକ ବାଇକ (ନଂ ଓଡି୧୧କ୍ୟୁ-୧୯୫୮)ରେ ସୋମବାର ରାତି ୯ଟାରେ ଠାକୁରମୁଣ୍ଡା ଆସୁଥିଲେ। ଗୋଲିଆଯୋଡି ନିକଟସ୍ଥ ପୂର୍ତ୍ତ ବିଭାଗ ରାସ୍ତା କଡ଼କୁ ବାଇକ୍ ସେମାନେ ଖସି ପଡିଥିଲେ। ରାତି ବିଳମ୍ବ ହୋଇଯାଇଥିବାରୁ ସେମାନେ ସେଠାରେ ପଡ଼ି ରହିଥିଲେ। ମଙ୍ଗଳବାର ସକାଳୁ ସ୍ଥାନୀୟ ଲୋକ ରାସ୍ତା କଡ଼ରେ ଗୁରୁତ୍ୱର ଅବସ୍ଥାରେ ଦେଖି ସେମାନଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । କିନ୍ତୁ ଏଠାରେ ଡାକ୍ତର ରମେଶଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣାରେ ବ୍ରଜ ଦଙ୍ଗଙ୍କ ବାମ ଓ ସୁରେନ୍ଦ୍ର ମୁର୍ମୁଙ୍କ ଡାହାଣ ଗୋଡ଼ ଭାଙ୍ଗିଯାଇଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରିବା ପରେ ପରିବାରକୁ ହସ୍ତାନ୍ତର କରିଛି।

ସେହିପରି ସୋମବାର ରାତି ପ୍ରାୟ ୯ଟା ସମୟରେ ଅଜୟ ଓ ସଂଜୟ ଏକ ବାଇକରେ ବାରିପଦାରୁ ଉଦଳା ରାସ୍ତାରେ ନିଜ ଗ୍ରାମକୁ ଫେରୁଥିବାବେଳେ ତେରମାଇଲ ଛକଠାରେ ବିପରୀତ ଦିଗରୁ ଅନ୍ୟ ଏକ ବାଇକ ତାଙ୍କୁ ଧକ୍କା ଦେଇଥିଲା। ଖୁଣ୍ଟା ଅଗ୍ନିଶମ ବିଭାଗ ଦୁର୍ଘଟଣା ସ୍ଥଳରୁ ଗୁରୁତରଙ୍କୁ ଉଦ୍ଧାର କରି ଡୁକୁରା ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏଠାରେ ଡାକ୍ତର ଅଜୟଙ୍କୁ ମୃତ ଘୋଷଣା କରିଥିଲେ। ସେମାନଙ୍କ ଅବସ୍ଥାରେ ସୁଧାର ନ ଅସିବାରୁ ବାରିପଦା ସ୍ଥାନାନ୍ତର କରାଯାଇଛି। ପୋଲିସ ଦୁର୍ଘଣାଗ୍ରସ୍ତ ବାଇକ ଦୁଇଟିକୁ ଜବତ କରିବା ସହିତ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି।

ସରିଲା ଜିଲାସ୍ତରୀୟ ପାଲା ସମ୍ମିଳନୀ

# ୭ କଳାକାର ସମ୍ବର୍ଦ୍ଧିତ

**ଯଶୀପୁର,୨୬।୩(ଡି.ଏନ.ଏ)**

ଯଶୀପୁର ବ୍ଲକ୍ ମଣନ୍ଦା-ବିଉଁରିଆ ମା କୀଚକେଶ୍ୱରୀ ଭଞ୍ଜଭୂମି ପାଲା ଗାୟକ ପରିଷଦ ଆନୁକୂଲ୍ୟରେ ଆୟୋଜିତ ଜିଲାସ୍ତରୀୟ ପାଲା ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି। ପରିଷଦ ସଭାପତି ପଣ୍ଡିତ ରାଧାକାନ୍ତ ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ ପୁଲିନ୍ କୁମାର ପଣ୍ଡା ଯୋଗଦେଇଥିବାବେଳେ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଜେଏମ୍‌ଏମ୍‌ର ଅଞ୍ଜଳୀ ସୋରେନ, ସମ୍ମାନୀତ ଅତିଥି ଗାୟକ ଭକ୍ତବନ୍ଧୁ ବାରିକ, ମୀନତି ତିରିଆ, ଗିରିଶଚନ୍ଦ୍ର ପ୍ରମୁଖ ଯୋଗଦେଇଥିଲେ। କଳାକାର ସୁବାସ ଚନ୍ଦ୍ର ପଣ୍ଡା, ରାଧାକାନ୍ତ ଗିରି, ରାମଚନ୍ଦ୍ର ପାତ୍ର, ଲକ୍ଷ୍ମୀକାନ୍ତ ଭୋଇ, ମଧୁସୂଦନ ପାତ୍ରଙ୍କୁ ମାନପତ୍ର ଓ ଉପଢ଼ୌକନ ସହ ସମ୍ବର୍ଦ୍ଧିତ କରାଯାଇଛି। ସେହିପରି ମଣିନ୍ଦା ସାଂସ୍କୃତିକ ମଞ୍ଚ ସଭାପତି ଦିବ୍ୟସିଂ ମହାନ୍ତ ଓ ସମ୍ପାଦକ ଦୀପକ ପଣ୍ଡାଙ୍କୁ ପରିଷଦ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ରମରେ କୋଷାଧ୍ୟକ୍ଷ କନ୍ଦର୍ପ ବାରିକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସୁଶୀଲ ମହାରଣା , ଛତୀଶ କୁମାର ବାରିକ, ଶରତ ଚନ୍ଦ୍ର ନାୟକ, ସୁଶୀଲ ସିଂ ପ୍ରମୁଖ ପାଲା ପରିବେଷଣ କରିଥିଲେ। ସମ୍ମିଳନୀରେ ପରିବେଷଣ ହୋଇଥିବା ପାଲା ଦେଖି ସ୍ଥାନୀୟ ଅଞ୍ଚଳର ଲୋକମାନେ ବେଶ୍ ଖୁସି ଅନୁଭବ କରିଥିଲେ।

# ୨୮ରେ ଏନ୍‌ଓୟୁର ସମାବର୍ତ୍ତନ ଉତ୍ସବ

**ବାରିପଦା ଅଫିସ,୨୬।୩**

ମୟୂରଭଞ୍ଜ ଜିଲା ବାରିପଦା ସହର ତକତପୁରସ୍ଥିତ ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟର ଏକାଦଶ ସମାବର୍ତ୍ତନ ଉତ୍ସବ ଆସନ୍ତା ଗୁରୁବାର ପାଳନ କରାଯିବ ବୋଲି କୁଳସଚିବ ପ୍ରମୋଦ କୁମାର ଶତପଥୀ ସୂଚନା ଦେଇଛନ୍ତି। ଉତ୍ସବରେ କୁଳାଧିପତି ତଥା ରାଜ୍ୟପାଳ ଗଣେଶୀ ଲାଲ ପୌରୋହିତ୍ୟ କରିବେ। ନୂଆ ଦିଲ୍ଲୀସ୍ଥିତ ଭାରତୀୟ ସାମାଜିକ ବିଜ୍ଞାନ ଗବେଷଣା ପରିଷଦ ଅଧ୍ୟକ୍ଷ ଡ. ବ୍ରଜ ବିହାରୀ କୁମାର ମୁଖ୍ୟ ଅତିଥିଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ସମାବର୍ତ୍ତନ ଉତ୍ସବରେ ପୂର୍ବତନ ଫିଜିକ୍ସ ପ୍ରଫେସର ତଥା ଉତ୍କଳ ବିଶ୍ୱବିଦ୍ୟାଳୟର ମୟୂରଭଞ୍ଜ ଚେୟାର ପ୍ରଫେସର ନିରଞ୍ଜନ ବାରିକ, ଭାବା ଆଟୋମିକ୍ ରିସର୍ଚ୍ଚ ସେଣ୍ଟର ନିର୍ଦ୍ଦେଶକ ପ୍ରଫେସର ଅଜିତ କୁମାର ମହାନ୍ତି, ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୂର୍ବତନ ସଭାପତି ରାମଚନ୍ଦ୍ର ବେହେରା ଏବଂ



ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ।

■୪ ଜଣ ପାଇବେ ସମ୍ମାନ ସୂଚକ ଡକ୍ଟରେଟ୍ ସମ୍ମାନ

■୪୪ ଜଣଙ୍କୁ ଗୋଲ୍ଡ, ୫୬ ଛାତ୍ରୀଛାତ୍ରଙ୍କୁ ପିଏଚ୍‌ଡି

ସୁପ୍ରିମକୋର୍ଟ ପୂର୍ବତନ ମୁଖ୍ୟ ବିଚାରପତି ଦୀପକ ମିଶ୍ରଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯିବ । ନିରଞ୍ଜନ ଓ ଅଜିତଙ୍କୁ ଡକ୍ଟରେଟ ଇନ ସାଇନ୍ସ, ରାମଚନ୍ଦ୍ରଙ୍କୁ ଡକ୍ଟରେଟ ଇନ ଲିଟ୍ରେଚର ଏବଂ ଦୀପକଙ୍କୁ ଡକ୍ଟରେଟ ଇନ ଲ' ସମ୍ମାନରେ ସମ୍ମାନିତ କରାଯିବ। ସେହିପରି ବିଶ୍ୱବିଦ୍ୟାଳୟର ୪୪ ଜଣ ଛାତ୍ରୀଛାତ୍ରଙ୍କୁ ଗୋଲ୍ଡ ମେଡାଲ, ୫୬ ଜଣ ଛାତ୍ରୀଛାତ୍ରଙ୍କୁ ପିଏଚ୍‌ଡି ଏବଂ ୨ ଜଣଙ୍କୁ ଡିଲିଟ ସମ୍ମାନରେ ସମ୍ମାନିତ କରାଯିବ।

### ବସନ୍ତ ଉତ୍ସବ ଉଦ୍‌ଯାପିତ

**ବିଶୋଇ,୨୬।୩(ଡି.ଏନ.ଏ.)**

ବିଶୋଇ ବ୍ଲକ ଅନ୍ତର୍ଗତ ସ୍ଥାନୀୟ ଶିବ ମନ୍ଦିର ନିକଟସ୍ଥ ବୁଢ଼ୀଗାଡି ପଡିଆଠାରେ ୩ୟ ବାର୍ଷିକ ସାଂସ୍କୃତିକ ଓ କ୍ରୀଡ଼ା ପ୍ରତିଯୋଗିତା 'ନ୍ୟୁ ବସନ୍ତ ଉତ୍ସବ-୨୦୧୯' ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମହିଳା ଓ ପୁରୁଷ ବିଭାଗରେ ଦୌଡ଼, ସାଇକେଲ ରେସ୍ ଭଳି ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଜିଲା ଆଦିବାସୀ ଉନ୍ନୟନ ବିଭାଗର ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଡ. ଦେବାଶିଷ ମାର୍ଣ୍ଡି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବିଶୋଇ ବ୍ଲକ ଅଧ୍ୟକ୍ଷା ତୁଳସୀ ସିଙ୍କି ହାଁସ୍‌ଦା, ବିଶୋଇ ସରପଞ୍ଚ ଘାସିନୀ ନାଏକ, ବିଶୋଇ ପଞ୍ଚାୟତ ସମିତି ସଦସ୍ୟା ବିଦ୍ୟୁସ୍ମିତା ଦେଓ, ହରିମୋହନ ମାର୍ଣ୍ଡି ପ୍ରମୁଖ ସମ୍ମାନ୍‌ନୀୟ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବିଭିନ୍ନ କ୍ରୀଡ଼ା ଓ ନୃତ୍ୟ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

## ସଂକ୍ଷେପରେ

### ବିଷ ଖାଇ ଯୁବକଙ୍କ ଆତ୍ମହତ୍ୟା

**ଢେଙ୍କିକୋଟ, ୨୬।୩(ଡି.ଏନ.ଏ.):** ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ସରଶପଶି ଗ୍ରାମ ପଞ୍ଚାୟତ ବୃନ୍ଦାବନପୁର ଗ୍ରାମରେ ଜଣେ ଯୁବକ କୀଟନାଶକ ବିଷ ଖାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଯୁବକ ଜଣଙ୍କ ହେଲେ ଗ୍ରାମର ଭକ୍ତ ବନ୍ଧୁ ମହାନ୍ତର ପୁଅ ସୁରେଶ ମହାନ୍ତ (ବଣିଶ୍ୱର)। ସୁରେଶ ନିଜ ସ୍ତ୍ରୀଙ୍କ ସହ ଘରୋଇ କଥାକୁ ନେଇ ମନମାଳିନ୍ୟ ହୋଇଥିଲା। ଏ ନେଇ ସେ କୀଟନାଶକ ବିଷ ଖାଇ ଦେଇଥିଲେ ବୋଲି ଲୋକେ କହୁଛନ୍ତି। ତୁରନ୍ତ ତାଙ୍କୁ ପାଟଣା ଡାକ୍ତରଖାନା ପରେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସିତ ଅବସ୍ଥାରେ ସୁରେଶଙ୍କ ମୃତ୍ୟୁ ଘଟିଛି। ଖବର ପାଇ ଢେଙ୍କିକୋଟ ଫାଣ୍ଡି ଅଧିକାରୀ ସତ୍ୟନାରାୟଣ ପରିଡ଼ା କନଷ୍ଟେବଲ ମାନସରଞ୍ଜନ ରାଉତ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିଥିଲେ। ଏ ନେଇ ଥାନା ଏକ ମାମଲା (ନଂ ୯/୧୯) ରୁଜୁ ହୋଇଛି।

### ଚୋରି ବାଇକ୍ ଉଦ୍ଧାର, ଜଣେ ଗିରଫ

**ଯୋଡ଼ା, ୨୬।୩(ଡି.ଏନ.ଏ.):** ଯୋଡ଼ା ସହରର ରାଉତ କମ୍ପ୍ଲେକ୍ସ ନିକଟରୁ ସୋମବାର ରାତିରେ ଚୋରି ହୋଇଥିବା ଏକ ବାଇକ୍‌କୁ ପୋଲିସ ଉଦ୍ଧାର କରିଛି। ଏଥିରେ ସମ୍ପୃକ୍ତ ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଯୋଡ଼ା ସହରର ୭ନଂ ୱାର୍ଡ ଶହିଦ ନଗରସ୍ଥିତ ଦୀପୁ ହାଟିଂର ରୁସ୍ତମ ଖାନ୍ (୨୫)। ରବିବାର ରାତିରେ କୁମାର ସ୍ୱାଇଁ ନିଜ ବାଇକ୍ (ଓଡି୦୯ଏ୨୯୧୭)କୁ ରାଉତ କମ୍ପ୍ଲେକ୍ସ ନିକଟରେ ରଖି ତାଙ୍କ କାମରେ ଯାଇଥିଲେ। ସେ ତାଙ୍କ କାମ ସାରି ଫେରିବା ପରେ ଉକ୍ତ ସ୍ଥାନରେ ନିଜ ବାଇକ ନ ଥିବା ଦେଖି ଏଣେତେଣେ ଖୋଜି ପାଇ ନ ଥିଲେ। ଏ ନେଇ ସେ ଯୋଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ବୋଲି ଯୋଡ଼ା ଥାନା ଆଇଆଇସି ମନୋଜ କୁମାର ରାଉତ ସୂଚନା ଦେଇଛନ୍ତି।

### ମହୁମାଛି ଆକ୍ରମଣରେ ବୃଦ୍ଧଙ୍କ ମୃତ୍ୟୁ, ଜଣେ ଆହତ

**ଢେଙ୍କିକୋଟ, ୨୬।୩(ଡି.ଏନ.ଏ.):** ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ଚିନାମାଳିପଶି ପଞ୍ଚାୟତ କେତାଙ୍ଗ ଗ୍ରାମ ତଳସାହିରେ ମହୁମାଛି ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ଏଥିସହ ଅନ୍ୟ ଜଣେ ଆହତ ହୋଇଛି। ମୃତ ବ୍ୟକ୍ତି ଜଣଙ୍କ ହେଲେ ହରିହର ନାଏକ। ଆହତ ଜଣଙ୍କ ହେଲେ ମହେନ୍ଦ୍ର ନାଏକ। ମଙ୍ଗଳବାର ସକାଳେ ସାହିରେ ଥିବା ଏକ ଗଛରେ ଚଢ଼ି ଉଭୟ ତେନ୍ତୁଳି ତୋଳୁଥିଲେ। ତାଙ୍କ ସହ ଗ୍ରାମର ମହେନ୍ଦ୍ର ନାଏକ ମଧ ଥିଲେ। ତେନ୍ତୁଳି ଗଛରେ ଏକ ବାଘମହୁ ଫେଣା ଥିଲା। ତେନ୍ତୁଳି ତୋଳିବା ବେଳେ ମହୁଫେଣାରେ ବାଜିଯିବାରୁ ମହୁମାଛି ହରିହର ଏବଂ ମହେନ୍ଦ୍ରଙ୍କୁ ଗୁଡ଼ାଇ ଗୁଡ଼ାଇ ଆକ୍ରମଣ କରିଥିଲେ। ହରିହର ଗୁରୁତର ହୋଇପଡ଼ିଥିଲେ। ତୁରନ୍ତ ଉଭୟଙ୍କଚ ଘଟଗାଁ ଡାକ୍ତରଖାନା ନିଆଯାଇଥିଲା। ମାତ୍ର ଡାକ୍ତରଖାନାରେ ଡାକ୍ତର ହରିହରଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଘଟଗାଁ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା।

### ପରୋପକାରୀ ବ୍ୟକ୍ତିଙ୍କ ପରଲୋକ

**ହାଟଡିହୀ, ୨୬।୩-** ହାଟଡିହୀ ବ୍ଲକ ଅନ୍ତର୍ଗତ ଜଳକଳଙ୍ଗ ଗ୍ରାମର ସାମାଜିକ କର୍ମୀ ମଧୁସୂଦନ ସା (ନଛୁ, ୫୭ବର୍ଷ)ଙ୍କର ମଙ୍ଗଳବାର ପରଲୋକ ହୋଇଛି। ତାଙ୍କର ଆର୍ଥିକ ପରିସ୍ଥିତି ଭଲ ନ ଥିଲା। ସେ ଠିକ୍ ଭାବେ ଚିକିତ୍ସିତ ହୋଇପାରି ନ ଥିଲେ। ପରିବାର କହିଲେ କେବଳ ତାଙ୍କର ସ୍ତ୍ରୀ ତିଲୋତ୍ତମା। ସେ ରୋଜଗାର କରି ଘର ଚଳାଉଥିଲେ। ସେ ଜଣେ ପରୋପକାରୀ ଓ ସ୍ୱାଭିମାନୀ ମଣିଷ ଥିଲେ। ତାଙ୍କ ମୃତ୍ୟୁରେ ହାଟଡିହୀ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ସରପଞ୍ଚ ଅନସୂୟା ସେଠୀ, ସାମାଜିକ କର୍ମୀ କାମପାଳ ନାୟକ, କଳ୍ପତରୁ ସେଠୀ, ଶଙ୍କର୍ଷଣ ନାୟକ, ବେଣୁଧର ସା, ଜଗନ୍ନାଥ ନାୟକ, ଗୋପାଳ ନାୟକ, କାହ୍ନୁ ନାୟକ, କହ୍ନେଇ ଓଝା, ବ୍ରଜ ସେଠୀ, ପଦୁ ସେଠୀ ପ୍ରମୁଖ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ତାଙ୍କ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ତାଙ୍କ ପରିବାରକୁ ସରକାରୀ ସୁବିଧା ଯୋଗାଇଦେବାକୁ ସାଧାରଣରେ ଦାବି ହେଉଛି।

## 'ହତ୍ୟାକାରୀଙ୍କୁ କଠୋର ଦଣ୍ଡ ମିଳୁ'

**ଆନନ୍ଦପୁର, ୨୬।୩(ସ୍ୱ.ପ୍ର.)–** ଆନନ୍ଦପୁର ବ୍ଲକର ପୂର୍ବତନ ଅଧ୍ୟକ୍ଷ ତଥା ୨୦୧୪ରେ ଘସିପୁରା ବିଧାନସଭା ଆସନ ପାଇଁ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢ଼ିଥିବା ରାମଚନ୍ଦ୍ର ବେହେରାଙ୍କୁ ସୋମବାର ରାତି ୧୦ଟା ବେଳେ ୧୫ରୁ ଅଧିକ ଲୋକ ମରଣାନ୍ତକ ଆକ୍ରମଣ କରି ହତ୍ୟା କରିଛନ୍ତି। ଏହି ଘଟଣା ନେଇ ଲୋକେ ମଙ୍ଗଳବାର ରାସ୍ତାରୋକୋ କରିଥିଲେ। ଉକ୍ତ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଛି। ଏହି ଘଟଣା ସମ୍ପର୍କରେ ମୃତ ରାମଚନ୍ଦ୍ରଙ୍କ ଝିଅ ମୀନାରାଣୀ ବେହେରା କହିଛନ୍ତି ଯେ, ଆମ ବାପା ପରିବାରର ଏକମାତ୍ର ରୋଜଗାରିଆ ବ୍ୟକ୍ତି ଥିଲେ। ତାଙ୍କୁ ହତ୍ୟା କରିବା ଦ୍ୱାରା ଆମ ପରିବାର ଅସହାୟ ହୋଇପଡିଛି। ଆମ ବାପା ମଙ୍ଗଳବାର ଦିନ ବିଜେଡିରେ ମିଶିବା ପାଇଁ ସମସ୍ତ ପ୍ରସ୍ତୁତି ଶେଷ କରିଥିବାବେଳେ ଘରକୁ ଆସି ଦୁର୍ବୃତ୍ତମାନେ ତାଙ୍କ ସହିତ ଆଲୋଚନା କରିବା ପରେ ଘରୁ ବାହାରକୁ ଡାକି ନେଇ ଆକ୍ରମଣ କରିଥିଲେ। ହତ୍ୟାକାଣ୍ଡରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଧରି କଠୋର ଦଣ୍ଡ ଦେବା ସହିତ ଆମକୁ ନ୍ୟାୟ ପ୍ରଦାନ କରିବା ପାଇଁ ଅନୁରୋଧ କରୁଛନ୍ତି।


ଉତ୍ତ୍ୟକ୍ତ ଲୋକେ ୨୦ ନଂ ଜାତୀୟ ରାଜପଥକୁ ଅବରୋଧ କରିଛନ୍ତି।


ରାସ୍ତାରୋକୋ ପରେ ଶତାଧିକ ଗାଡ଼ି ଅଟକି ରହିଛି।

# କିଣାଯାଉନି ଧାନ, ସଙ୍କଟରେ ଚାଷୀ

**କେନ୍ଦୁଝର, ୨୬।୩(ସ୍ୱ.ପ୍ର.)**

- ଫାଇଦାରେ ବେପାରୀ
- ଜିଲାପାଳଙ୍କୁ ଅଭିଯୋଗ

ରାଜ୍ୟରେ ଧାନ କିଣା ଜାରି ରହିଥିବା ସରକାର କହୁଥିବା ବେଳେ କେନ୍ଦୁଝର ଜିଲାରେ ଅନେକ ଅଞ୍ଚଳରେ ତାହା ବନ୍ଦ ହୋଇଯାଇଛି। ଏ ନେଇ ଚାଷୀ ଅସୁବିଧା ଭୋଗୁଛନ୍ତି। ଆଗକୁ ବର୍ଷା ଆସୁଥିବାରୁ ବଳକା ଧାନ କଣ କରିବେ ସେ ନେଇ ଚାଷୀ ଚିନ୍ତାରେ ରହିଛନ୍ତି। ଯୋଗାଣ, ସମବାୟ ବିଭାଗ ଓ ମିଲରମାନଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁଁ ଧାନ କିଣାଯାଉନଥିବା କେତେକ ଚାଷୀ ଅଭିଯୋଗ କରିଛନ୍ତି। ଅନ୍ୟ ପକ୍ଷରେ ବାଧ୍ୟ ହୋଇ ଚାଷୀ କମ ଦାମରେ ବେପାରୀଙ୍କୁ ଧାନ ବିକୁଛନ୍ତି। ବେପାରୀ ଲାଭବାନ ହେଉଥିବା ବେଳେ କୌଣସି ପଦକ୍ଷେପ ନିଆଯାଉନି। ସମସ୍ୟା ସମ୍ପର୍କରେ ଯୋଗାଣ ବିଭାଗ, ଲ୍ୟାମ୍ପ (ସମବାୟ ବିଭାଗ) କୁ ଜଣାଉଥିଲେ ହେଁ ଅସନ୍ତୋଷ ତୀବ୍ର ହେଉଛି। ଏଭଳି ହରିଚନ୍ଦନପୁର ବ୍ଲକର ବଡ଼ପଳାସପାଳ ଲ୍ୟାମ୍ପରେ ଧାନ କିଣା ଯାଉନଥିବାରୁ ଚାଷୀ ମଙ୍ଗଳବାର ଜିଲାପାଳଙ୍କ ଠାରେ ଅଭିଯୋଗ କରିଛନ୍ତି।

ଉକ୍ତ ଲ୍ୟାମ୍ପରେ ଚଳିତ ବର୍ଷ ୧,୬୬ କ୍ୱିଣ୍ଟାଲ ୬୩୪ କେଜି ଧାନ ବିକ୍ରି ପାଇଁ ଚାଷୀ ଯୋଗ୍ୟ ବିବେଚିତ ହୋଇଥିଲେ। ମାତ୍ର ୪୯ କ୍ୱିଣ୍ଟାଲ ୯୯ କେଜି ଧାନ ବିକିଛନ୍ତି। ଅବଶିଷ୍ଟ ଧାନ କିଣାଯାଉନାହିଁ। ଏବେ ବଳକା ଧାନ କଣ କରିବୁ ବୋଲି ଚାଷୀ ସଞ୍ଜୟ କୁମାର ପାଇକରାୟ ଅଭିଯୋଗ କରିଛନ୍ତି। ଏହି ଧାନ ଲ୍ୟାମ୍ପ ନ କିଣି ବେପାରୀ ଜରିଆରେ ଚାଷୀଙ୍କଠାରୁ କମ ଦରରେ କିଣି ମିଲରଙ୍କୁ ବିକ୍ରି କରାଯାଉଥିବାରୁ ବିଦ୍ଧିବଦ୍ଧ ତଦନ୍ତ ଦାବି ହେଉଛି। ନଭେମ୍ବରରୁ ଧାନ ଅମଳ ହୋଇ ଶୁଖିଯାଇଛି। ଧାନ କିଣିବା ବେଳେ ବିନା କାରଣରେ ୩/ ୪ କେଜି ଧାନ କାଟି କିଣାଯାଇଥିବା ଅଭିଯୋଗ ହୋଇଛି। ନିର୍ବାଚନ ସମୟ ଧାନ କିଣାଯାଇପାରିବ ନାହିଁ। ନିର୍ଦ୍ଦେଶ ଆସିଲେ ଧାନ କିଣାଯିବ ବୋଲି କହି ଏଡାଇ ଦିଆଯାଉଥିବାରୁ ଚାଷୀ ଚିନ୍ତାରେ ରହିଛନ୍ତି। ଜିଲା ଯୋଗାଣ ବିଭାଗକୁ ଜଣାଇଲେ କେହି ଶୁଣୁ ନାହାନ୍ତି। ଋଣ କରି ଧାନ ଚାଷ କରିଥିବାରୁ କିପରି ଋଣ ସୁଝିବେ ସେ ନେଇ ଚାଷୀ ଚିନ୍ତାରେ ରହୁଛନ୍ତି। ଏହାକୁ ଅଣଦେଖା କଲେ ଚାଷୀ ଘରବାଡି ବିକିବେ ବା ଆତ୍ମହତ୍ୟା କରିବାକୁ ବାଧ୍ୟ ହେବେ ବୋଲି ଅନେକ ଚାଷୀ ମତବ୍ୟକ୍ତ କରୁଛନ୍ତି।

■ ବଡ଼ବିଲ ବାର ଆସୋସିଏଶନ ନିର୍ବାଚନ

## ସମ୍ପାଦକ, ଯୁଗ୍ମ ସମ୍ପାଦକ ପଦବୀ ପାଇଁ ଲଢ଼େଇ

**ବଡ଼ବିଲ, ୨୬।୩(ସ୍ୱ.ପ୍ର.)**

- ନିର୍ଦ୍ୱନ୍ଦ୍ୱରେ ସଭାପତି, ଉପସଭାପତି, କୋଷାଧ୍ୟକ୍ଷ ଓ ୫ କାର୍ଯ୍ୟକାରୀ ସଦସ୍ୟ ନିର୍ବାଚିତ

ବଡ଼ବିଲ ବାର ଆସୋସିଏଶନ ନିର୍ବାଚନର ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ମଙ୍ଗଳବାର ଅପରାହ୍ନରେ ବିଜ୍ଞପ୍ତି ମାଧ୍ୟମରେ ପ୍ରକାଶ ପାଇଛି। ନିର୍ବାଚନରେ ସମ୍ପାଦକ ପଦବୀ ନିମନ୍ତେ ଆଇନଜୀବୀ ରଞ୍ଜୀତ ବାରିକ ଓ ପ୍ରମୋଦ କୁମାର ଜେନା ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଯୁଗ୍ମ ସମ୍ପାଦକ ପଦବୀ ପାଇଁ ଆଇନଜୀବୀ ପ୍ରତାପ କୁମାର ଜେନା ଓ ମମତା ଦାସଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି ଜଣାପଡିଛି। ଆସୋସିଏଶନର ସଭାପତି ଭାବେ ଆଇନଜୀବୀ ବଳରାମ ମହାନ୍ତି, ଉପସଭାପତି ଭାବେ ଆଇନଜୀବୀ ଅବଦୁଲ ଲତିଫ, କୋଷାଧ୍ୟକ୍ଷ ଭାବେ ଆଇନଜୀବୀ ପ୍ରଦୀପ କୁମାର ମହାନ୍ତି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। କାର୍ଯ୍ୟକାରୀ ସଦସ୍ୟ ଭାବେ ଆଇନଜୀବୀ ତରୁଣ କୁମାର ସେନ, ହରିଶ ଚନ୍ଦ୍ର ବାରି, ମିହିର କୁମାର ନାମତୋଆର, ଲକ୍ଷ୍ମୀ ଖୁଣ୍ଟିଆ ଓ ଲବଙ୍ଗଲତା ଲୋହାର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ୩୦ରେ ଆସୋସିଏଶନ ହଲରେ ନିର୍ବାଚନ ଓ ଫଳାଫଳ ଘୋଷଣା ହେବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଛି।

■ ତୃତୀୟ ଶ୍ରେଣୀ ଛାତ୍ରବୃତ୍ତି ଘୋଷଣା

## ପୁରସ୍କାର ଦେଇ ଉତ୍ସାହିତ କଲେ ସ୍କୁଲ କର୍ତ୍ତୃପକ୍ଷ

**ବଡ଼ବିଲ, ୨୬।୩(ସ୍ୱ.ପ୍ର.)**

ବଡ଼ବିଲ ସୁନ୍ଦରା ଗ୍ରାମରେ ଥିବା ୱାର୍ଡ ନଂ ୪ ଉ.ପ୍ରା. ବିଦ୍ୟାଳୟର ତୃତୀୟ ଶ୍ରେଣୀ ଛାତ୍ରବୃତ୍ତି ପରୀକ୍ଷାଫଳ ଘୋଷଣା ହୋଇଛି। ଏ ନେଇ ଅଧ୍ୟୟନରତ ବଡ଼ବିଲ ସାଧୁସିଂ ହଟିଂରେ ରହୁଥିବା ଶୁଭ ପାତ୍ର ଚତୁର୍ଥ ଶ୍ରେଣୀ ପରୀକ୍ଷା ଦେଇଥିବାବେଳେ ଏପ୍ରିଲ ମାସରୁ ପଞ୍ଚମ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହେବାକୁ ଯାଉଥିବା ବେଳେ ଏହି ଛାତ୍ରବୃତ୍ତି ପାଇଥିବା ସ୍କୁଲ କର୍ତ୍ତୃପକ୍ଷ ମଙ୍ଗଳବାର ପୂର୍ବାହ୍ନରେ ଘୋଷଣା କରିଛନ୍ତି। ଶୁଭଙ୍କୁ ପୁରସ୍କୃତ କରି ଉତ୍ସାହିତ କରାଯାଇଛି।


ଶୁଭଙ୍କୁ ଶିକ୍ଷୟିତ୍ରୀ ପୁରସ୍କୃତ କରି ଉତ୍ସାହିତ କରୁଛନ୍ତି।

ଦିନ ମଜୁରିଆ ଭାବେ କାର୍ଯ୍ୟ କରି ପରିବାର ଭରଣପୋଷଣ କରୁଥିବା କୃଷ୍ଣ ପାତ୍ରଙ୍କର ପୁଅ ଶୁଭଙ୍କୁ ମଙ୍ଗଳବାର ବିଦ୍ୟାଳୟରେ ପ୍ରାର୍ଥନା ପରେ ତୃତୀୟ ଶ୍ରେଣୀ ଛାତ୍ରବୃତ୍ତିରେ ସଫଳତା ଲାଭ କରିଥିବା ନେଇ ଘୋଷଣା କରାଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା ବୈଦ୍ୟ କହିଛନ୍ତି ଯେ, ୨୦୧୭–୧୮ରେ ଶୁଭ ତୃତୀୟ ଶ୍ରେଣୀ ଛାତ୍ରବୃତ୍ତି ପରୀକ୍ଷା ଦେଇଥିଲେ। ଗତ ସୋମବାର ସନ୍ଧ୍ୟାରେ ଏହି ସଫଳତା ନେଇ ଅବଗତ ହୋଇଥିଲି। ସେଥିପାଇଁ ଶୁଭଙ୍କୁ ମଙ୍ଗଳବାର ପୂର୍ବାହ୍ନ ପ୍ରାର୍ଥନା ପରେ ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ମିଶ୍ର ଓ ଶିକ୍ଷକ ଦେବବ୍ରତ ସାହୁଙ୍କ ଉପସ୍ଥିତିରେ ଖାତା, ପେନସିଲ ଓ ଜ୍ୟାମିତି ବାକ୍ସ ଆଦି ପୁରସ୍କାର ସ୍ୱରୂପ ଦେଇ ଉତ୍ସାହିତ କରାଯାଇଛି। ଶୁଭ ପ୍ରତ୍ୟେକ ବର୍ଷ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖି ଉତ୍ତୀର୍ଣ୍ଣ ହେଉଥିବାବେଳେ ତାଙ୍କୁ ଏହି ପୁରସ୍କାର ପ୍ରେରଣା ଦେବ। ସେ ଅତ୍ୟନ୍ତ ଶାନ୍ତ, ସରଳ, ନମ୍ର ଓ ମେଧାବୀ ଛାତ୍ର। ସେ ସର୍ବଦା ପାଠ ପଢାରେ ମନ ଦେଇଥାଆନ୍ତି ବୋଲି ପ୍ରଧାନ ଶିକ୍ଷୟିତ୍ରୀ କହିଛନ୍ତି ।

### ସାହିତ୍ୟ ସାଧନା ପାଇଁ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

**ପାଟଣା, ୨୬।୩(ସ୍ୱ.ପ୍ର.)**

ଜଗତସିଂହପୁର ଜିଲା ଚଷାପଡ଼ାସ୍ଥିତ ଶ୍ରୀଚନ୍ଦନ ସାହିତ୍ୟ ସଂସ୍କୃତି ଏକାଡେମୀ ଓ ମା' ନାରାୟଣୀ ପାଠାଗାର ତରଫରୁ କବିତା ପାଠ, କବିତା ସଂକଳନ ଉନ୍ମୋଚନ ଓ ସାରସତ୍ୱ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଛି। ଏହି ସାରସତ୍ୱ ସମ୍ବର୍ଦ୍ଧନା ଉତ୍ସବ ଅବସରରେ କେନ୍ଦୁଝର ଜିଲା ପାଟଣା ବ୍ଲକ କୋଠାଘର ଗ୍ରାମର ସାହିତ୍ୟ ସାଧକ ସୁରେଶ ଚନ୍ଦ୍ର ମହାନ୍ତଙ୍କୁ ଅନୁଷ୍ଠାନ ତରଫରୁ 'କଳ୍ପନା କଳ୍ପଲତା ସମ୍ମାନ'ରେ ସମ୍ମାନିତ କରାଯାଇଛି। ଶୁରେଶ ବର୍ତ୍ତମାନ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପାଟଣାରେ ଶିକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି। ଅୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ କବି ଡ. ପ୍ରମୋଦ ମିଶ୍ର, ମୁଖ୍ୟ ବକ୍ତା ଭାବେ ଡ. ରାଜୀବ ପଣ୍ଡା, ସମ୍ମାନିତ ଅତିଥି ଭାବେ ସମ୍ପଦ ରଥ, କଳ୍ପନା ବିଶ୍ୱାଳ, ଶ୍ରୀଚନ୍ଦନ ମହାପାତ୍ର ଓ ଲିନା ମଲ୍ଲ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଯଜ୍ଞ ପାଇଁ କଳସ ଶୋଭାଯାତ୍ରା


ମହିଳାମାନେ କଳସ ଶୋଭାଯାତ୍ରାରେ ଯାଉଛନ୍ତି।

**ବଡ଼ବିଲ, ୨୬।୩(ସ୍ୱ.ପ୍ର.)**

ବଡ଼ବିଲସ୍ଥିତ ବାଟମହାବୀର ମନ୍ଦିର ପରିସରରେ ମଙ୍ଗଳବାରଠାରୁ ନବାହ୍ନ ପାରାୟଣ, ଯଜ୍ଞ ଓ ପ୍ରବଚନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଅପ୍ରେଲ ୩ ପର୍ଯ୍ୟନ୍ତ ଦୈନିକ ସୂର୍ଯ୍ୟ ପୂଜନ, ଷୋଡଶ ଉପଚାର ପୂଜନ ଓ ଯଜ୍ଞାଦି କାର୍ଯ୍ୟ ହେବ ବୋଲି ମନ୍ଦିର କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଏହି ନବାହ୍ନ ପାରାୟଣ ନିମନ୍ତେ ମଙ୍ଗଳବାର ପୂର୍ବାହ୍ନରେ ମହିଳାମାନେ କଳସ ଶୋଭାଯାତ୍ରା କରି ମନ୍ଦିର ପ୍ରାଙ୍ଗଣରେ ପହଞ୍ଚିବା ପରେ ଯଜ୍ଞ ଆରମ୍ଭ ହୋଇଥିଲା।

## ଗୋଚର ଜମିରେ ଗୃହ ନିର୍ମାଣକୁ ବିରୋଧ

■ ତହସିଲ ପ୍ରଶାସନକୁ ଭେଟିଲେ ଗ୍ରାମବାସୀ

**ତିହିଡ଼ି, ୨୬।୩(ଡି.ଏନ୍.ଏ.)**

ଭଦ୍ରକ ଜିଲା ତିହିଡ଼ି ତହସିଲ ଅଧୀନ କୁବେରା ପଞ୍ଚାୟତର କୁବେରା ଓ ଦେଉଳା ମୌଜା ସଂଲଗ୍ନ ଲୁଣିଚାନ୍ଦି ପଡ଼ିଆକୁ ଲୋକେ ଗୋଚର ଜମି ଭାବେ ବ୍ୟବହାର କରିଆସୁଛନ୍ତି। ଏହି ଜମିରେ ଏବେ ଏକ ଘର ନିର୍ମାଣ ହେଉଥିବାରୁ ଇଡ଼ାଗଡ଼ି ଓ ଦେଉଳା ଗ୍ରାମବାସୀ ବିରୋଧ କରିଛନ୍ତି। ସେମାନେ ମଙ୍ଗଳବାର ଅତିରିକ୍ତ ତହସିଲଦାର କୈଳାସ ଚନ୍ଦ୍ର ମହାଳିକଙ୍କୁ ଭେଟି ଏ ସମ୍ପର୍କରେ ଅଭିଯୋଗ କରି ତୁରନ୍ତ ପଦକ୍ଷେପ ନେବାକୁ ଦାବି ଜଣାଇଛନ୍ତି। ସପ୍ତାହକ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନ ହେଲେ ସେମାନେ ତହସିଲ କାର୍ଯ୍ୟାଳୟ ସାମ୍ନାରେ ଗଣଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ଅତିରିକ୍ତ ତହସିଲଦାର ମହାଳିକ ଏହାର ତଦନ୍ତ କରି ତୁରନ୍ତ ରିପୋର୍ଟ ଦେବାକୁ ବିଲଣା ରାଜସ୍ୱ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗ୍ରାମର ଦୀପକ ଖଟୁଆ, ରଶ୍ମୀରଞ୍ଜନ ବେହେରା, ଅକ୍ଷୟ ଦାସ, ବଳରାମ ବେହେରା, ସରୋଜ ଖୁଣ୍ଟିଆ, ରଙ୍ଗାଧର ସେଠୀ, ସନାତନ ମଲିକ, ସୁଧାକର ବେହେରା, କାହ୍ନୁ ଚରଣ ମଲିକ ପ୍ରମୁଖ ତହସିଲ ପ୍ରଶାସନକୁ ଭେଟି ଭେଟିବା ସହ ଏ ସମ୍ପର୍କରେ ମଧ ଜିଲାପାଳ ଓ ତିହିଡ଼ି ଥାନା ଅଧିକାରୀଙ୍କୁ ମଧ ଜଣାଇଛନ୍ତି।

### ବୋଲେରୋ ଧକ୍କାରେ ବାଇକ୍ ଚାଳକ ଗୁରୁତର

**ପାଟଣା, ୨୬।୩(ସ୍ୱ.ପ୍ର.)**

ପାଟଣା ଥାନା ମାଛଗଡ଼ ସାହାରପଡ଼ା ରାସ୍ତାର ନୟା ଜଗନ୍ନାଥପୁର ଗ୍ରାମ ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଏକ ବୋଲେରୋ ଧକ୍କାରେ ଜଣେ ବାଇକ ଆରୋହୀ ଗୁରୁତର ହୋଇଛନ୍ତି। ସେ ହେଉଛନ୍ତି କମାରମରା ଗ୍ରାମର ରମାକାନ୍ତ ପାତ୍ର। ତାଙ୍କୁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏ ନେଇ ପାଟଣା ଥାନା ଏଏସଆଇ ଅଶୋକ କୁମାର ନାଏକ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛନ୍ତି।

## ନିର୍ବାଚନ ପରିଚାଳନା ପାଇଁ ପ୍ରଶିକ୍ଷଣ

**ଯୋଡ଼ା, ୨୬।୩(ଡି.ଏନ.ଏ.)**

ଯୋଡ଼ା ବ୍ଲକରେ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ରବିବାରଠାରୁ ନିର୍ବାଚନ ପରିଚାଳନା ପାଇଁ ପ୍ରଶିକ୍ଷଣ ଦିଆଯାଉଛି। ପ୍ରିଜାଇଡିଂ ଅଫିସର, ଫାଷ୍ଟ ପୁଲିଂ ଅଫିସର, ସେକ୍ଟର ମାଜିଷ୍ଟ୍ରେଟ୍ ଓ ସେକ୍ଟର ଅଫିସରଙ୍କୁ ଇଭିଏମ ପରିଚାଳନା ଓ ବୁଥରେ ବିଭିନ୍ନ ଆନୁସଙ୍ଗିକ ବ୍ୟବସ୍ଥାକୁ ସୁଚାରୁ ରୂପରେ ତଦାରଖ ଓ ପରିଚାଳନା କରିବା ପାଇଁ ପ୍ରଶିକ୍ଷଣ ଦିଆଯାଉଛି। ଯୋଡା ବିଡିଓ ତଥା ସହକାରୀ ରିଟର୍ଣ୍ଣିଂ ଅଫିସର କ୍ଷୀରୋଦ କୁମାର ବେହେରା, ବଡବିଲ୍ ଅତିରିକ୍ତ ତହସିଲଦାର ଅଭିଷେକ ପଣ୍ଡା, ଚମ୍ପୁଆ ସହକାରୀ ଉପଜିଲାପାଳ ଚାରୁଲତା ସିଂ ପ୍ରମୁଖ ଅଧିକାରୀଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ୨୬ ତାରିଖ ସୁଧା ୩୨୦ ଜଣ ଅଧିକାରୀଙ୍କୁ ପ୍ରଶିକ୍ଷଣ ଦିଆଯିବ। ପ୍ରତ୍ୟେକ ଦିନ ୧୦୫ ଜଣ ଅଧିକାରୀଙ୍କୁ ପ୍ରଶିକ୍ଷଣ ଦିଆଯାଉଛି ବୋଲି ବ୍ଲକ ପକ୍ଷରୁ ସୂଚନା ମିଳିଛି।

## ପୂର୍ବତନ ବିଧାୟକ ଚନ୍ଦ୍ରସେଣଙ୍କ ପରଲୋକ

**କେନ୍ଦୁଝର, ୨୬।୩(ସ୍ୱ.ପ୍ର.)**

ପୂର୍ବତନ ତେଲକୋଇ ବିଧାୟକ ଚନ୍ଦ୍ରସେନା ନାୟକ(୬୩)ଙ୍କ ମଙ୍ଗଳବାର ଅପରାହ୍ନ ପ୍ରାୟ ୩ଟା ୨୦ ମିନିଟ ସମୟରେ ପରଲୋକ ହୋଇଛି। ତାଙ୍କ ମୃତ୍ୟୁରେ କଂଗ୍ରେସ ଦଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ଘର ହରିଚନ୍ଦନେପୁର ବ୍ଲକ ଜୁଙ୍ଗା ଗ୍ରାମରେ। ୧୯୮୦ରୁ ୮୫ ଓ ୧୯୯୫ରୁ ୨୦୦୦ରେ କଂଗ୍ରେସ ଦଳର ୨ ଥର ବିଧାୟକ ହୋଇଥିଲେ। ସେହି ସମୟରେ ବହୁ ଉନ୍ନୟନ ମୂଳକ କାମ କରିଥିଲେ। ସରଳ ଜୀବନଯାପନ, ପୋଷାକ ଓ ଭଲ ବ୍ୟବହାର ପାଇଁ ସେ ସମସ୍ତଙ୍କ ପାଖରେ ଲୋକପ୍ରିୟ ନେତା ଭାବରେ ପରିଗଣିତ ହେଉଥିଲେ। ଆଦିବାସୀମାନଙ୍କ ମଧ୍ୟରେ ଥିବା ଅନ୍ଧବିଶ୍ୱାସ ଦୂର କରିବା ସହ ସେମାନଙ୍କ ବିକାଶ ପାଇଁ କାମ କରିଆସୁଥିଲେ। ସେ ସବୁ ବେଳେ ଧଳା କୁର୍ତା ଓ ପାଇଜାମା ସହିତ ମୁଣ୍ଡରେ ଗାନ୍ଧୀ ଟୋପି ପରିଧାନ କରୁଥିଲେ। କଂଗ୍ରେସ ଦଳର ଜିଲା ଓ ରାଜ୍ୟସ୍ତରୀୟ କମିଟିରେ


ଚନ୍ଦ୍ରସେନା ନାୟକଙ୍କ ଫାଇଲ ଫଟୋ।

ବିଭିନ୍ନ ପଦପଦବୀରେ ରହିଥିଲେ। ମେଟ୍ରିକ ପାସ କରିଥିବା ଚନ୍ଦ୍ରସେଣ ଜଣେ କୃଷିବିତ ଥିଲେ। ସେ କିଛି ବର୍ଷ ହେଲା ସକ୍ରିୟ ରାଜନୀତିରୁ ଦୂରେଇ ରହୁଥିଲେ। ହଠାତ ତାଙ୍କର ଦେହାନ୍ତ ଘଟଣା ଅତ୍ୟନ୍ତ ଦୁଃଖଦପୂର୍ଣ୍ଣ ବୋଲି ଜିଲା କଂଗ୍ରେସ ସଭାପତି ମୋହନ ପରିଡ଼ା କହିଛନ୍ତି। ତାଙ୍କ ଦେହାନ୍ତ ଖବର ପାଇ ବହୁ ଲୋକ ଶୋକ ବ୍ୟକ୍ତ କରିଛନ୍ତି। ତାଙ୍କ ଗ୍ରାମରେ ଶେଷ ଦର୍ଶନ କରିବାକୁ ବହୁ ବିଶିଷ୍ଟ ଲୋକଙ୍କ ଭିଡ଼ ଜମିଥିଲା।

# ପାଠ ଛାଡ଼ି ଦାଦନ ଖଟୁଛନ୍ତି ଛାତ୍ରୀଛାତ୍ର

**ରାଇସୁଆଁ, ୨୬।୩(ଡି.ଏନ.ଏ.)**

- ମିଳୁନି ଜାତିଗତ ପ୍ରମାଣପତ୍ର
- ଉଚ୍ଚଶିକ୍ଷାରୁ ବଞ୍ଚିତ

ଏଠି ସର୍ବଶିକ୍ଷା ଅଭିଯାନ ଫେଲ ମାରିଛି। ପାଠ ଛାଡ଼ି ଦାଦନ ଖଟୁଛନ୍ତି ଛାତ୍ରୀଛାତ୍ର। ପ୍ରଶାସନିକ ଉଦାସିନତାରୁ ଅଧାରୁ ପାଠ ଛାଡି ନାବାଳିକାନାବାଳକ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି। ଆଉ କେତେକ ଛାତ୍ରୀଛାତ୍ର ପାଠଛାଡି କମ ବୟସରେ ବିବାହ ହୋଇ ଘର ସଂସାର କରୁଛନ୍ତି। ଏହିପରି ଘଟଣା କେନ୍ଦୁଝର ଜିଲା ମହାଦେଇଯୋଡ଼ା ପଞ୍ଚାୟତର ସଲରାପେଣ୍ଠ ଗ୍ରାମରେ ଦେଖିବାକୁ ମିଳିଛି। ଦେଶ ସ୍ୱାଧୀନ ହେବାର ବହୁ ବର୍ଷ ପରେ ବି ଏହି ଗ୍ରାମର ବିକାଶ ହୋଇପାରିନି। ଗ୍ରାମର ୭୦ ପ୍ରତିଶତ ଲୋକ କମାର ସମ୍ପ୍ରଦାୟର। ଏହି ଲୋକଙ୍କ ଜମି ପଟ୍ଟାରେ ଜାତି ଲୋହାର ଲେଖାଯାଇଛି। ଲୋହାର କୌଣସି ଜାତି ନୁହଁ ବୋଲି ଦର୍ଶାଯାଇ ଏହି ସମ୍ପ୍ରଦାୟର ଲୋକଙ୍କୁ ଜାତିଗତ ପ୍ରମାଣପତ୍ର ମିଳିପାରୁନି। ଫଳରେ ବହୁ ଛାତ୍ରୀଛାତ୍ର ଉଚ୍ଚଶିକ୍ଷାରୁ ବଞ୍ଚିତ ହୋଇ ଅଧାରୁ ପାଠଛାଡି ଦାଦନ ଖଟିବାକୁ ଯାଉଛନ୍ତି। ସ୍ଥାନୀୟ ଅଞ୍ଚଳର ଗୋପି ପେଣ୍ଡେଇ କୁହନ୍ତି ଯେ, ମୋ ପୁଅ ପାଇଁ ବହୁବାର ଜାତିଗତ ପ୍ରମାଣପତ୍ର ଲାଗି ସଦର ତଦସିଲକୁ ଧାଇଁ ନୟାନ୍ତ ହେଲି। ମାତ୍ର ନିରାଶ ହୋଇଛି। ଅଧାରୁ ପାଠପଢା ଛାଡି ଶେଷରେ ପୁଅକୁ ବିବାହ କରି ଦେଇଛି। ଏହି ଗ୍ରାମର ଆକାଶ ପେଣ୍ଡେଇ, ପ୍ରଦୀପ ପେଣ୍ଡେଇ, ଟୁକୁନା ପେଣ୍ଡେଇ, ଚିତ୍ର ପେଣ୍ଡେଇ, ଗୋପିନାଥ ପେଣ୍ଡେଇ, ସାନ୍ତନୁ ପେଣ୍ଡେଇ, ଅଜୟ ପେଣ୍ଡେଇ, ରାଜୁ ପେଣ୍ଡେଇ, ରମେଶ ପେଣ୍ଡେଇ, ପୂଜାରାଣୀ ପେଣ୍ଡେଇ, ଟାୟ ପେଣ୍ଡେଇ, ଜାନକୀ ପେଣ୍ଡେଇ, କୁନି ପେଣ୍ଡେଇ, ଶ୍ରୀମତି ପେଣ୍ଡେଇ, ଯୁବତୀ ପେଣ୍ଡଇ ପ୍ରମୁଖ ଜାତିଗତ ପ୍ରମାଣପତ୍ର ପାଇଁ ଅଧାରୁ ପାଠଛାଡି ଦେଇଥିବା ସେମାନଙ୍କ ଅଭିଭାବକ ଅଭିଯୋଗ କରିଛନ୍ତି। ଏଥିପ୍ରତି ଜିଲାପ୍ରଶାନ ଦୃଷ୍ଟି ଦେଇ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଦାବି କରିଛନ୍ତି। ଜାତିଗତ ପ୍ରମାଣ ପତ୍ର ବିଷୟରେ ଜାଣିବା ପାଇଁ ସଦର ତହସିଲଦାରଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ମତାମତ ମିଳିପାରିନାହିଁ।


ଅଧାରୁ ପାଠ ଛାଡି ଥିବା ଛାତ୍ରୀଛାତ୍ର।